୬ ଟି-୨୦ ବିଶ୍ୱକପ୍ : ୱେଷ୍ଟଇଣ୍ଡିଜ୍‌କୁ ହରାଇ ସେମିଫାଇନାଲରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୩୩ ● ୨ ମାର୍ଚ୍ଚ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-33 ● 2nd March 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଆମେରିକା- ଇସ୍ରାଏଲ ଆକ୍ରମଣ

## ଇରାନର ସର୍ବୋଚ୍ଚ ନେତା ଖୋମେନିଙ୍କ ସମେତ ପରିବାର ବର୍ଗଙ୍କ ମୃତ୍ୟୁ

**ତେହେରାନ, ୧ ।୩**

ଇରାନ ଉପରେ ଆମେରିକା ଏବଂ ଇସ୍ରାଇଲ୍‌ର ଆକାଶ ମାର୍ଗରୁ ଆକ୍ରମଣରେ ଇସ୍ଲାମିକ କ୍ରାନ୍ତିର ନେତା ଆୟାତୁଲ୍ଲା ସୟ୍ୟଦ ଆଲି ଖୋମେନି ଏବଂ ତାଙ୍କ ପରିବାରର ଅନେକ ସଦସ୍ୟ ମୃତ୍ୟୁବରଣ କରିଥିବା କୁହାଯାଇଛି । ଇରାନର ସରକାରୀ ପ୍ରସାରକ ଆଇଆରଆଇବି ରବିବାର ସକାଳେ କହିଛି ଯେ, ଏହି ଆକ୍ରମଣରେ ଖୋମେନିଙ୍କ ବିନାଶ ଘଟିଛି । ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଇରାନରେ ଶାନ୍ତି ସ୍ଥାପିତ ହେଉନଥିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ।

ଆମେରିକୀୟ ଚ୍ୟାନେଲ୍ ସିଏନଏନ୍, ଦ ଟାଇମ୍ସ ଅଫ୍ ଇଜରାଇଲ୍ ଏବଂ ଇରାନର ସରକାରୀ ସମ୍ବାଦ ସଂସ୍ଥା ଇରନାର ଖବର ଅନୁସାରେ, ଇରାନର ଅନେକ ମାଧ୍ୟମ ସଂସ୍ଥାମାନେ ମଧ୍ୟ ଖୋମେନିଙ୍କ ମୃତ୍ୟୁକୁ ସ୍ୱୀକାର କରିଛନ୍ତି । ସବୁଠାରୁ ବଡ଼ ସ୍ୱୀକୃତି ସରକାରୀ ପ୍ରସାରକ (ପୃଷ୍ଠା ୭ରେ)



**ଇରାନରେ ୪୦ଦିନର ରାଜକୀୟ ଶୋକ, ୭ଦିନ ଛୁଟି**
**ବିଶ୍ୱରେ ୧,୮୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ ଠପ୍**
**ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ନେଇ ଓମାନର ସୂଚନା**

### କରାଚୀରେ ହିଂସା: ୧୦ ମୃତ

**ନୂଆଦିଲ୍ଲୀ, ୧ ।୩**

ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଖୋମେନିଙ୍କ ମୃତ୍ୟୁ ହୋଇଛି । ବଙ୍କରରେ ଲୁଚିଥିଲେ ମଧ୍ୟ ସେ ବର୍ତ୍ତିପାରି ନାହାଁନ୍ତି । ପାକିସ୍ତାନ ଇରାନ ସମର୍ଥନରେ ବାହାରି ଉପଦ୍ରବକାରୀମାନେ ଆମେରିକା ଦୂତାବାସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି । ତେବେ ଉପଦ୍ରବକାରୀଙ୍କୁ ରୋକିବାକୁ ପୁଲିସ୍ ଗୁଳିମାଡ଼ କରିଛି । ଯେଉଁଥିରେ ୧୦ ଜଣ ପ୍ରାଣ ହରାଇଥିବାବେଳେ ୩୦ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି ।

# ଯୁଦ୍ଧ ପରିସ୍ଥିତି ନେଇ ମୋଦୀଙ୍କ 'ସିସିଏସ୍' ବୈଠକ

**ନୂଆଦିଲ୍ଲୀ, ୧ ।୩**



ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ବାଣିଜ୍ୟ ସଂଘ ପରିଷଦ (ସିସିଏସ)ର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନିଆ ତାମିଲନାଡୁ ଗସ୍ତ ସମାପ୍ତ କରି ପ୍ରଧାନମନ୍ତ୍ରୀ ରବିବାର ରାତିରେ ରାଜଧାନୀ ଦିଲ୍ଲୀ ଫେରିଆସିଛନ୍ତି । ପରେ ସିସିଏସ୍ ବୈଠକରେ ସେ ଯୋଗଦେଇଥିଲେ । ଏହି ବୈଠକରେ ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ଭାରତୀୟଙ୍କ ସୁରକ୍ଷା, ଆଲୋଚନାର ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବା ଜଣାପଡିଛି । ଏହା ସହିତ ଆଲୋଚନାରେ ତୈଳ ଯୋଗାଣ ଓ ଚାବାହାର ବନ୍ଦର ନିବେଶ ଅନ୍ତର୍ଭୁକ୍ତ ହୋଇଥିଲା । ଏହି ସିସିଏସ୍ ବୈଠକରେ ଚାରୋଟି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯାଇଥିଲା ।

ଯୁଦ୍ଧ ଅଞ୍ଚଳରେ ଫସି ରହିଥିବା ଦେଶର ନାଗରିକଙ୍କ ସୁରକ୍ଷା ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହୋଇଛି । ପ୍ରାୟ ୮ ରୁ ୯ ଲକ୍ଷ ଭାରତୀୟ ନାଗରିକ ଉପସାଗରୀୟ ଦେଶଗୁଡ଼ିକ (ସାଉଦି ଆରବ, ୟୁଏଇ, କତାର, ଓମାନ, ବାହାରିନ, କୁୱେତ) ଏବଂ ମଧ୍ୟପ୍ରାଚ୍ୟରେ କାମ କରନ୍ତି । ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ କାରଣରୁ ଏହି ଲକ୍ଷ ଲକ୍ଷ ଭାରତୀୟଙ୍କ ଜୀବନ ବିପଦରେ ପଡ଼ିଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ସହଯୋଗରେ ଏହି (ପୃଷ୍ଠା ୭ରେ)

# ଦୋଳପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ

**ଜ୍ୟୋତିର୍ବିଦ ଦୀପ୍ତିରେଖା ନନ୍ଦ**
**ସହଯୋଗୀ ଗଣନାକାର ଅସଲି ବିରଜା ପଞ୍ଜିକା**

ଆସନ୍ତାକାଲି ମାର୍ଚ୍ଚ ୩ ତାରିଖ ପବିତ୍ର ଦୋଳ ପୂର୍ଣ୍ଣିମାରେ ଆକାଶଗ୍ରାସ ଭାରତ ତଥା ଓଡ଼ିଶାକୁ ଗ୍ରସ୍ତୋଦୟ ଚନ୍ଦ୍ରଗ୍ରହଣ ସଂଘଟିତ ହେବ । ଆମେରିକା, ଉତ୍ତରଆଫ୍ରିକା ଇତ୍ୟାଦି ଦେଶମାନଙ୍କୁ ଗ୍ରହଣର ଆରମ୍ଭ ଦୃଶ୍ୟ ହେଲେ ମଧ୍ୟ ଆମ ଦେଶରେ ଦିନଥିବାରୁ ତାହା ଅଦୃଶ୍ୟ । ଭାରତୀୟ ସମୟ ଅନୁସାରେ ଏ ଗ୍ରହଣ ଦିବା ଘ୩।୨୦।୨୬ ସେକେଣ୍ଡରେ ଆରମ୍ଭ ହେବ । ଆମ ରାଜ୍ୟରେ ସୂର୍ଯ୍ୟାସ୍ତ ଘ୫।୫୨ ମିନିଟ ପରେ ହେବା ସହିତ ସନ୍ଧ୍ୟା ଘ୬ଣ୍ଟା ଠାରୁ ପୂରାପୂରି ସନ୍ଧ୍ୟା ଘ.୬।୪୭ ମିନିଟ ପର୍ଯ୍ୟନ୍ତ ସ୍ପଷ୍ଟ ଦୃଶ୍ୟମାନ ହେବ । ଚନ୍ଦ୍ରଗ୍ରହଣର ୯ ଘଣ୍ଟା ପୂର୍ବରୁ ପାକତ୍ୟାଗ ବିଧି ହେଲେ ମଧ୍ୟ ଏ ଗ୍ରହଣ ଗ୍ରସ୍ତୋଦୟ ହେତୁ ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ସୋମବାର ରାତ୍ର ଘ୩।୨୦ ପରେ ପାକତ୍ୟାଗ ଓ ଅନ୍ନଭୋଜନ ନିଷେଧ ବା ବର୍ଜନୀୟ ।

ମଙ୍ଗଳବାର ସନ୍ଧ୍ୟା ଘ୬।୪୭ ମିନିଟ୍ ପରେ ସ୍ନାନ ଶୌଚ ହୋଇ ଦେବଦେବୀଙ୍କ ମହାସ୍ନାନ କର୍ତ୍ତବ୍ୟ, ଦୋଳମଣ୍ଡପରେ ପ୍ରଭୁ ରାଧାକୃଷ୍ଣଙ୍କୁ ସର୍ବମୋକ୍ଷ ଅର୍ଥାତ ସନ୍ଧ୍ୟା ଘ୬।୪୭ ପରେ ସ୍ନାନାଦି କରାଇ ଶୃଙ୍ଗାର କରି ବିମାନରେ ବସାଇବା ବିଧେୟ, ଯେହେତୁ ପୂର୍ବ ରାତ୍ରୀରୁ ପାକ ନିଷେଧ କରାଯାଇଛି ତେଣୁ ସର୍ବମୋକ୍ଷ ପରେ ଦେବନୀତି କରାଯାଇପାରିବ ।

ଏ ଗ୍ରହଣ ଦର୍ଶନରେ ମେଷ, ବୃଷ, ମିଥୁନ, କର୍କଟ, ତୁଳା ଓ ମୀନ ରାଶି ଜାତ ବ୍ୟକ୍ତିଙ୍କର ଶୁଭଫଳ ପ୍ରାପ୍ତ ହେବ । ସେହିପରି ଅଶ୍ୱିନୀ, କୃତିକା, ରୋହିଣୀ, ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଳେଷା, ମଘା, ଉତ୍ତରାଫାଲ୍‌ଗୁନି, ହସ୍ତା, ସ୍ୱାତୀ, ବିଶାଖା, ଅନୁରାଧା, ଜ୍ୟେଷ୍ଠା, ମୂଳା, ଉତ୍ତରାଷାଢ଼ା, ଶ୍ରବଣା, ପୂର୍ବ ଭାଦ୍ର, ଉତ୍ତର ଭାଦ୍ର ଓ ରେବତୀ (ପୃଷ୍ଠା ୭ରେ)

**ଗ୍ରହଣ ସ୍ପର୍ଶ ଦିବା ଘ୩।୨୦ମିନିଟ, ସର୍ବମୋକ୍ଷ ସନ୍ଧ୍ୟା ଘ୬।୪୭, ପାକତ୍ୟାଗ ପୂର୍ବରାତ୍ରୀ ଘ୩।୨୦ମିନିଟ ଠାରୁ**

# କାରଖାନାରେ ଭୟଙ୍କର ବିସ୍ଫୋରଣ: ୧୭ ଶ୍ରମିକ ମୃତ

**ନାଗପୁର(ମହାରାଷ୍ଟ୍ର), ୧ ।୩**

ମହାରାଷ୍ଟ୍ର ନାଗପୁରରେ ଏକ କାରଖାନାରେ ବଡ଼ଧରଣର ବିସ୍ଫୋରଣ ଘଟିଛି । ରବିବାର ସକାଳୁ ନାଗପୁରର ରାଉଲଗାଁଓରେ ଥିବା ଏସ୍‌ବିଏଲ୍ କାରଖାନାରେ ଭୟଙ୍କର ବିସ୍ଫୋରଣ ହୋଇଛି । ଫଳରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏନେଇ ସ୍ପଷ୍ଟ କରିଛି ସ୍ଥାନୀୟ ପୋଲିସ । ତେବେ ଆହତଙ୍କୁ ନାଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

କାଟୋଲ ଅଞ୍ଚଳରେ ବିସ୍ଫୋରକ ତିଆରି କରୁଥିବା କାରଖାନାରେ ବଡ଼ ଧରଣର ବିସ୍ଫୋରଣ ହୋଇଛି । ସଙ୍ଗେ ସଙ୍ଗେ ଆହତଙ୍କୁ ନାଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି । ତେବେ ରବିବାର ସକାଳୁ ଏହି ବିସ୍ଫୋରଣ ହୋଇଥିବା ବେଳେ ଧୂଆଁମୟ ହୋଇଯାଇଛି ସ୍ଥାନୀୟ ଅଞ୍ଚଳ । ତେବେ ମହାରାଷ୍ଟ୍ରର ମନ୍ତ୍ରୀ ଚନ୍ଦ୍ରଶେଖର ବଓ୍ୱାଲକୁଲେ



ଏହି ଅଘଟଣ ସମ୍ପର୍କରେ ଜାଣିବା ପରେ ସାହାଯ୍ୟ ଯୋଗାଇ (ପୃଷ୍ଠା ୭ରେ)

### ପ୍ରଧାନମନ୍ତ୍ରୀଙ୍କ ଶୋକ : ମୃତକଙ୍କ ପାଇଁ କ୍ଷତିପୂରଣ ଘୋଷଣା

**ନୂଆଦିଲ୍ଲୀ, ୧ ।୩**

ମହାରାଷ୍ଟ୍ରର ନାଗପୁରରେ ଏକ କାରଖାନାରେ ହୋଇଥିବା ବଡ଼ ବିସ୍ଫୋରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।ମୃତକଙ୍କ (ପୃଷ୍ଠା ୭ରେ)








## ରାସ୍ତାକଡ଼ ଖାଦ୍ୟ ଅସୁରକ୍ଷିତ

# ୧୫୦ ନମୁନା ସଂଗ୍ରହ, ୨୦୦ କେଜି ନଷ୍ଟ, ଲକ୍ଷାଧିକ ଜରିମାନା ଆଦାୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାସ୍ତାକଡ଼ରେ ଚଟ୍‌ପଟା ଖାଦ୍ୟର ପସରା । ପାଞ୍ଚ ମିନିଟ୍‌ରେ ଚିକେନ୍ ପକୋଡ଼ା, ଚାଓମିନ୍, ତନ୍ଦୁରୀ, ରୋଲ୍, ଚିଲି ଚିକେନ୍ ଆଦି ଭଳିକି ଭଳି ଖାଦ୍ୟ ପରସି ଦେଉଛନ୍ତି । ସହରରେ ଏଭଳି ଖାଦ୍ୟ ଷ୍ଟଲ୍‌ର ଅଭାବ ନାହିଁ । ସହରସାରା ଛାଇଗଲେଣି । ନିରଙ୍କୁଶ କାରବାର କରୁଛନ୍ତି । ସ୍ୱାଦ ବଢ଼ାଇବା, ଖାଦ୍ୟକୁ ଅଧିକ ସମୟ ସତେଜ ରଖିବା ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଖାଦ୍ୟରେ ସିନ୍ଥେଟିକ୍ କଲର ଓ ନାନାଦି ରସାୟନ ବ୍ୟବହାର କରୁଛନ୍ତି । ଅପମିଶ୍ରିତ ଖାଦ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ନୁହଁ, ସମ୍ପୂର୍ଣ୍ଣ ସତକଥା । କାରଣ ଗତ ବର୍ଷକ ଭିତରେ ସହରର ପ୍ରତ୍ୟେକ ଅଞ୍ଚଳରେ ଖାଦ୍ୟ ନିରାପତା ଚଢ଼ଉ ହୋଇଛି । ଏକାଧିକ ପାଣି ପ୍ୟାକେଜିଂ ୟୁନିଟ୍, ଆଚାର, ମସଲା, ଟମାଟୋ ସସ୍ ପ୍ରସ୍ତୁତି ୟୁନିଟ୍ ସିଲ୍ କରାଯାଇଛି । ଏଥିସହିତ ବେକରୀ, ମିଠା, ମିକ୍ସଚର, ଦୁଗ୍ଧଜାତୀୟ ଉତ୍ପାଦ ୟୁନିଟ୍‌ରେ ଚଢ଼ଉ କରି ୧୫୦ରୁ ଅଧିକ ନମୁନା ସଂଗ୍ରହ କରାଯାଇଛି । ୨୦୦ କେଜିରୁ ଅଧିକ ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି । ବିଭାଗ ହାବୁଡରେ ମାତ୍ର ଏତିକି ପଡିଛି । ଆହୁରି ଅନେକ ଖାଦ୍ୟ ଗ୍ରାହକଙ୍କ ପେଟକୁ ଯାଇଛି । ଯାହାକି ହିସାବ ନାହିଁ । ଯାଞ୍ଚ ପାଇଁ ବ୍ରହ୍ମପୁର ମହାନଗର ନିଗମ ନିକଟରେ ସ୍ୱତନ୍ତ୍ର ଟିମ୍ ରହିଛି । ଖାଦ୍ୟ ନିରାପତା ଭଳି ବିଭାଗ ରହିଛି । ତଥାପି ଭେଜାଲ୍ ଖାଦ୍ୟ ବିକ୍ରି ରୋକିହେଉନି । ଏତେ ପରିମାଣର ନକଲି ଖାଦ୍ୟ ନଷ୍ଟ କରାଯାଇଥିବା ଖବର ସାମ୍ନାକୁ ଆସିବା ପରେ ବ୍ରହ୍ମପୁର ସହରବାସୀଙ୍କ ପ୍ରଶ୍ନ ଆମେ ଖାଉଥିବା ଖାଦ୍ୟ ସୁରକ୍ଷିତ କି? ଫାଷ୍ଟଫୁଡ୍ ସେଣ୍ଟର ଠାରୁ ଆରମ୍ଭ କରି ବଡ଼ ବଡ଼ ହୋଟେଲ୍‌ରେ ଖାଇବା ଲୋକଙ୍କ ସଉକ୍ ପାଲଟିଛି । ସପ୍ତାହରେ ଥରେ ଯେମିତି ହେଲେ ଯିବେ । ବ୍ରହ୍ମପୁରରେ ମଧ୍ୟ ଗଳିକନ୍ଦିରେ ମାଳ ମାଳ ଫାଷ୍ଟଫୁଡ୍ ଷ୍ଟଲ୍ । ସନ୍ଧ୍ୟା ହେଲେ ଗିରି ରୋଡ୍ ଠାରୁ ଆରମ୍ଭ କରି ରାମଲିଙ୍ଗେଶ୍ୱର ପାର୍କ ଛକ, ଲାଞ୍ଜିପଲ୍ଲୀ, ଇଞ୍ଜିନିୟରିଂ ସ୍କୁଲ ଛକ, ଷ୍ଟେସନ୍ ରୋଡ୍, ସିଟି ହାଇସ୍କୁଲ ରୋଡ୍, ଗୋସାଇଁନୂଆଗାଁ ରାସ୍ତା, ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ଆଦି ସବୁଠି ଲାଗୁଛି ଫୁଡ୍ ଭ୍ୟାନ୍ ଓ ଉଠା ଖାଦ୍ୟ ବ୍ୟବସାୟିଙ୍କ ଠେଲା । ଜମୁଛି ଲୋକଙ୍କ ଭିଡ଼ । ସେହିଭଳି ବଡ଼ ବଡ଼ ହୋଟେଲ୍ ଓ ରେଷ୍ଟୁରାଣ୍ଟରେ ମଧ୍ୟ ସମାନ ଭିଡ଼ ଲାଗି ରହୁଛି । ମାତ୍ର ଅନେକ ସମୟରେ ଏହା ଫୁଡ୍ ପଏଜନ୍ ଓ ସ୍ୱାସ୍ଥ୍ୟହାନୀର କାରଣ ହେଉଛି ବୋଲି ବିଶେଷଜ୍ଞଙ୍କ ମତ । ଖାଦ୍ୟକୁ ସତେଜ ରଖିବା ପାଇଁ ବ୍ୟବହାର ହେଉଥିବା ରଙ୍ଗ ସ୍ୱାସ୍ଥ୍ୟ ପକ୍ଷେ ବିପଦଜନକ । ଅଧିକ ଦିନ ଧରି କଲର ଫୁଡ୍ ଖାଇବା ଦ୍ୱାରା କର୍କଟ ଭଳି ଜଟିଳ ରୋଗର ଆଶଙ୍କା ସୃଷ୍ଟି କରିଥାଏ । ଏହାସତ୍ତ୍ୱେ ଫାଷ୍ଟଫୁଡ୍ କାରବାରରେ ନିୟନ୍ତ୍ରଣ ନାହିଁ । ବିଇଏମ୍‌ସି ଖାଦ୍ୟ ନିରାପତା ବିଭାଗ ସୂଚନା ମୁତାବକ, ବଡ଼ ହୋଟେଲ୍, ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଉଛି । ଫାଷ୍ଟଫୁଡ୍ ସେଣ୍ଟର ସମେତ ଉଠା ଖାଦ୍ୟ ବ୍ୟବସାୟୀଙ୍କୁ ଫୁଡ୍ ଲାଇସେନ୍ସ ପଞ୍ଜିକରଣ ବାଧ୍ୟତାମୂଳକ କରାଯାଇଛି । ତଥ୍ୟ ଅନୁସାରେ ସହରରେ ୬୬୪ଟି ଲାଇସେନ୍ସ ଓ ୨୭୫୦ରୁ ଅଧିକ ରେଜିଷ୍ଟ୍ରେସନ୍ ରହିଛି । ବିଇଏମ୍‌ସି ଖାଦ୍ୟ ନିରାପତା ବିଭାଗ କହିବା ନୁସାରେ ନିୟମିତ ବ୍ୟବଧାନରେ ସହରରେ ଯାଞ୍ଚ କରାଯାଉଛି । ଅପମିଶ୍ରିତ ଖାଦ୍ୟ, ରସାୟନ ଯୁକ୍ତ ଓ କଲର ଫୁଡ୍‌କୁ ସାମ୍ନାକୁ ଆସିଲେ ନଷ୍ଟ କରାଯାଉଛି । ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି । ନମୁନା ନେଗେଟିଭ୍ ଆସିଲେ ଇମ୍ପ୍ରୁଭମେଣ୍ଟ ନୋଟିସ୍ କରାଯାଉଛି । ବାରମ୍ବାର ନିୟମ ଉଲ୍ଲଂଘନକାରୀଙ୍କ ବିପକ୍ଷରେ ଜରିମାନା ଓ ଲାଇସେନ୍ସ ରଦ୍ଦ ଭଳି କଠୋର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗୀୟ ଅଧିକାରୀଙ୍କ ମତ ।



# ବିକଶିତ ସମ୍ବଲପୁର ଗଠନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପାନୀୟ ଜଳ ଏବଂ ରୋଜଗାରକୁ ଆମକୁ ପ୍ରାଥମିକତା ଦେବାକୁ ହେବ । ଏହା କେବଳ ସରକାରୀ ଯୋଜନା ନୁହେଁ, ବରଂ ଏକ ସାମାଜିକ ଜନଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷ୍ୟାଳୟରେ ଆୟୋଜିତ "ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ"ରେ ଯୋଗଦେଇ 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହାୟତା' ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆଶା ଭଉଣୀ ଓ ସମିତିର ସଭ୍ୟମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି ଶୁଣିବା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରର ବିକାଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଆମର 'ଆଶା' ଭଉଣୀ ଓ 'ଗାଁ କଲ୍ୟାଣ ସମିତି'ର ସଦସ୍ୟମାନେ ହେଉଛନ୍ତି ପ୍ରକୃତ ସୈନିକ । ସେ ଆଶା କର୍ମୀମାନଙ୍କୁ ସମାଜର 'ରାଣୀ ଝାନ୍ସି' ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ, ଜଣେ ଗର୍ଭବତୀ ମା'କୁ ସାହାଯ୍ୟ ଦରକାର ହୁଏ କିମ୍ବା ଶିଶୁର ଟୀକାକରଣର ସମୟ ଆସେ, ସେତେବେଳେ ପ୍ରଥମେ ଆଶା ଭଉଣୀଙ୍କ କଥା ମନକୁ ଆସେ । ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ଆଶା କର୍ମୀଙ୍କ ଅବଦାନ ଅତୁଳନୀୟ । ସମ୍ବଲପୁର ଜିଲ୍ଲାର ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ଓ ୩ ଲକ୍ଷ ପରିବାର ପାଇଁ ମାସିକ ଘରକୁ ଘର ବୁଲି ସେବା ଯୋଗାଉଥିବା ପାଖାପାଖି ୧୦୭୮ ଜଣ ଆଶା ଦିଦିଙ୍କ ନିଷ୍ଠା ପ୍ରଶଂସନୀୟ । ଆମର ଆଶା ଦିଦିମାନଙ୍କ କାର୍ଯ୍ୟ କେତେ ପ୍ରଭାବଶାଳୀ, ତାହାର ବଡ଼ ପ୍ରମାଣ ହେଉଛନ୍ତି ବାଲେଶ୍ୱର ନୀଳଗିରିର ଯମୁନାମଣି ସିଂହ । ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କର ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି 'ବଣମଲ୍ଲୀ' ଆଜି ସମଗ୍ର ଓଡ଼ିଶାର ଆଶା କର୍ମୀଙ୍କ ସମ୍ମାନକୁ ଜାତୀୟ ସ୍ତରରେ ପହଞ୍ଚାଇ ପାରିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଶକ୍ତି ହେଉଛି ଗାଁ କଲ୍ୟାଣ ସମିତି । ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏହି ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆପଣମାନେ ହିଁ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସୁଦୃଢ଼ ସେତୁ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ୍ କ୍ରମେ ଆମକୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଢ଼ିବାକୁ ହେବ । ଏଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଏବଂ ପାନୀୟ ଜଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ରୋଜଗାରକୁ ପ୍ରାଧାନ୍ୟ ଦେବା ଜରୁରୀ । ସମ୍ବଲପୁରର ସ୍ୱଚ୍ଛତା ଓ ଜୀବନଶୈଳୀକୁ ବଦଳାଇବା ପାଇଁ ଆମେ ଏହାକୁ ଏକ 'ଜନଆନ୍ଦୋଳନ' କରିବା ପାଇଁ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ୍ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



## ଆରଡିପୀଠ ମୁଖ୍ୟ ବଜାରରେ ଅଗ୍ନିକାଣ୍ଡ:ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆରଡି ପୀଠ ମୁଖ୍ୟ ବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ଟି ପରିବାରଙ୍କର ୬ ବଖରା ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି । ନିଆଁ କିପରି ଲାଗିଲା ସଠିକ୍ ଖବର ଜଣାପଡିନଥିବା ବେଳେ ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରୁ ଜଳନ୍ତା ଘିଅ ଦୀପ କାଉ ନେଇ ଆସି ଛପର ଘର ଉପରେ ରଖିଥିବା କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ଏପରି ପୂର୍ବରୁ ଅନେକ ଥର ହୋଇଥିବା ନଜିର ରହିଛି । ଅଚାନକ ଶ୍ରୀଧର ସାହୁ ଓ ବଂଶିଧର ସାହୁଙ୍କ ଛପର ଘର ଜଳି ଉଠିବା ସହ ପାଖରେ ଥିବା ଅନ୍ୟ ଏକ ଛପର ଗଜେନ୍ଦ୍ର ସାହୁଙ୍କର ଘରକୁ ନିଆଁ ବ୍ୟାପିଯାଇଥିଲା । ବଜାରରେ ଥିବା ଲୋକ ଓ ସ୍ଥାନୀୟ ଲୋକ ନିଆଁରେ ପାଣି ପକାଇବା ସହ ଘର ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଦୀର୍ଘ ସମୟ ଧରି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା ଚଳାଇଥିଲେ ମଧ୍ୟ ନିଆଁରେ ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା । ଏପରି ଘରେ ଫସି ରହିଥିବା ବୃଦ୍ଧାଙ୍କ ସହ ୩ ଜଣଙ୍କୁ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକେ । ଅଗ୍ନିଶମ କାର୍ଯ୍ୟାଳୟ ଦୀର୍ଘ ୪୦ କିମି ଦୂର ଧାମନଗରରେ ଥିବାରୁ ଖବରପାଇ ପହଞ୍ଚିଲା ବେଳକୁ ଘରେ ଥିବା ସମସ୍ତ ଜିନିଷ ସହ ନଗଦ ଟଙ୍କା ସୁନାଗହଣା ଫ୍ରିଜ୍ ଆଦି ଜଳିଯାଇଥିବା ଅଗ୍ନିବିପନ୍ନ କହିଛନ୍ତି । ଘଟଣାସ୍ଥଳରେ ଆରଡିଆରଆଇ ପହଞ୍ଚି ଅଗ୍ନିକାଣ୍ଡ ସମ୍ପର୍କରେ ପଚାରି ବୁଝିଛନ୍ତି ।

# ନାବାଳିକାକୁ ଗର୍ଭବତୀ କରି ଗିରଫ ହେଲା ଦୁଇ ସନ୍ତାନର ବାପା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



୧୭ ବର୍ଷ ନାବାଳିକାକୁ ଗର୍ଭବତୀ କରିଥିବା ଦୁଇଟି ପିଲାର ବାପକୁ ଗିରଫ କଲା ଯାଜପୁର ରୋଡ ପୋଲିସ । ଯାଜପୁର ରୋଡ ଥାନା ସାପଗଡିଆ ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରିବା ଘଟଣାରେ ଅଭିଯୁକ୍ତକୁ ମୟୂରଭଞ୍ଜର ଠାକୁରମୁଣ୍ଡାରୁ ପୋଲିସ୍ ଗିରଫ କରିଛି । ଅଭିଯୁକ୍ତ ଠାକୁରମୁଣ୍ଡା ଥାନା ପଥରତୋଳା ଗ୍ରାମର ରଘୁନାଥ ହେମ୍ବ୍ରମ୍ (୨୬) । ରାତିରେ ପୋଲିସ୍ ସେଠାରେ ଚଢଉ କରି ତାକୁ ଧରିବାରେ ସଫଳ ହୋଇଛି । କୋର୍ଟରେ ନାବାଳିକା ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି । ଏ ସଂକ୍ରାନ୍ତରେ କେସ୍ ନଂ–୧୩୬/୨୬ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ପୀଡିତା ନାବାଳିକାକୁ ସଖୀ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରଘୁନାଥ ବ୍ୟାସନଗର ସହରରେ ଜଣେ ରାଜମିସ୍ତ୍ରୀଙ୍କ ନିକଟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା । ସେଠାରେ ପୀଡିତା ନାବାଳିକା ମଧ୍ୟ ଶ୍ରମିକ ଭାବେ କାମ କରୁଥିଲା । ବିବାହ ପ୍ରତିଶ୍ରୁତି ଦେଇ ସେ ନାବାଳିକା ସହ ଶାରିରୀକ ସମ୍ପର୍କ ରଖିଥିଲା । ଗତ ୨୩ ତାରିଖ ଆଶାକର୍ମୀ ସଂପୃକ୍ତ ନାବାଳିକାଙ୍କୁ ନେଇ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ୬ ମାସର ଅନ୍ତଃସତ୍ତ୍ୱା ଥିବା ପରୀକ୍ଷାରୁ ଜଣାପଡିଥିଲା । ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ଡିସିପିଓ, ସିଡିପିଓ ଥାନାରେ ପହଞ୍ଚି ତଦନ୍ତ କରିଥିଲେ । ଘଟଣାର ୪ ଦିନ ପରେ ଠାକୁରମୁଣ୍ଡା ଅଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ଯାଜପୁର ରୋଡ ପୋଲିସ ।

# ଓଲାଭର ବଜାର ଜବରଦଖଲ ଉଚ୍ଛେଦ କାମ ସରୁନି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ୍ ଅନ୍ତର୍ଗତ ଓଲାଭର ବଜାର ତହସିଲ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦୋକାନୀ ଓ ସେଠାରେ ଘର କରିଥିବା ସର୍ବସାଧାରଣଙ୍କୁ ନୋଟିସ୍ ପରେ ମାପ କରାଯାଇ ଉଚ୍ଛେଦ ହେବାକୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା ଏବଂ ଜବରଦଖଲରେ ଥିବା ବ୍ୟବସାୟୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଥିବା ମାମଲାର ସମୟସୀମା ଏବଂ ଉପଜିଲ୍ଲାପାଳଙ୍କ କୋର୍ଟରେ ଥିବା ମାମଲାର ଆବଶ୍ୟକ କାଗଜପତ୍ର ଜବରଦଖଲକାରୀମାନେ ଦାଖଲ କରିନପାରିବାରୁ ସମସ୍ତ ସମୟସୀମା ସରିଯାଇଛି । ବ୍ୟବସାୟୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାୟତ ହୋଇଥିବା କନିକା ତହସିଲଦାରଙ୍କର ଟାଳଟୁଳ ନୀତି ଯୋଗୁ ସ୍ଥାନୀୟ ବାସିନ୍ଦା ଓ ସର୍ବସାଧାରଣ ଅସୁବିଧାର ସମ୍ମୁଖୀନ ହେବାର ସହ ଜରୁରୀ କାଳୀନ ଗାଡି ଯାତାୟାତରେ ଅସୁବିଧା ହେଉଛି । ଏ ନେଇ ଉପଜିଲ୍ଲାପାଳ କନିକା ତହସିଲଦାରଙ୍କୁ ଜବରଦଖଲ ସମ୍ପର୍କରେ କଣ ପଦକ୍ଷେପ ନେଇଛନ୍ତି ୫ ଦିନ ଭିତରେ ଜବାବ୍ ଦେବାକୁ କଇଫତ ତଲବ କରିଛନ୍ତି । ଏହି ଜବରଦଖଲ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟ ଅଭିଯୋଗକାରୀ ସମାଜସେବୀ ନଳିନୀକାନ୍ତ ପୃଷ୍ଟି, ଅକ୍ଷୟ ଦାସ, ଘନଶ୍ୟାମ ମୁଦୁଲି, ଅନାଦି ସାହୁ, କୃତିବାସ ନାୟକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପୃଷ୍ଟି ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି । ତେବେ ଉପଜିଲ୍ଲାପାଳ ଶୁକ୍ରବାର ଓଲାଭର ବଜାର ଜବରଦଖଲ ସ୍ଥାନ ପରିଦର୍ଶନ କରି ତୁରନ୍ତ ଗଛ କାଟିବା ସହ ମାପ ହୋଇଥିବା ଅନୁସାରେ ଜବରଦଖଲ ହଟାଇବା ପାଇଁ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।



## ଚାଷ ଜମିରେ ଲହଡ଼ି ଭାଙ୍ଗୁଛି ଜଳ:ହୋଇପାରୁନି ରବି ଫସଲ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ପଞ୍ଚାୟତ ଅନ୍ତର୍ଗତ ପଦନୀପାଳ ପଞ୍ଚାୟତର ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ଭେଟି ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଦାବି କରିଛନ୍ତି । ଚାଷୀଙ୍କ ଦାବି ମୁତାବକ ତାଙ୍କ ଚାଷ ଜମି ଦେଇ ଯାଇଥିବା ଡ୍ରେନେଜ୍ ବିଭାଗର କରନାଲୀଟି ବନ୍ଦ ହୋଇଯିବା ଫଳରେ ରବି ଫସଲ ପାଇଁ ଆସୁଥିବା ଜଳ ଚାଷ ଜମିକୁ ଯାଉଥିବାରୁ ଚାଷ ଜମିରେ ମାସ ମାସ ଧରି ଏହି ପାଣି ଛିଡାହୋଇ ରହୁଛି । ଯାହାଫଳରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀମାନେ ରବି ଫସଲ କରିପାରୁନାହାଁନ୍ତି । ଫଳରେ ଏମାନଙ୍କର ଆର୍ଥିକ ଅବସ୍ଥା ଉନ୍ନତିରେ ବାଧା ହେଉଛି । ତୁରନ୍ତ ଏହି କରନାଳୀକୁ ସଫା କରିବା ପାଇଁ ଗଙ୍ଗାଧର ଦାସ, ବିନୋଦ କୁମାର ରାୟ, ଉମାକାନ୍ତ ରାଉତ, ଭରତ ମହାନ୍ତି, ବାସୁଦେବ ବାରିକ, ଶଶିକାନ୍ତ ରାଉତ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରି କରନାଳୀ ସଫା କରିବା ପାଇଁ ଦାବି କରିଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୁଣିଗାରେଡ଼ିକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଅନେକ ଅଘଟଣ ଘଟୁଥିବା ନଜିର ରହିଛି । ମାତ୍ର ଏବେ ଏଭଳି ଘଟଣା ଦେଖିବାକୁ ମିଳିଛି ସହର ମଧ୍ୟରେ । ଗୁଣିଗାରେଡ଼ି ସନ୍ଦେହରେ ଜଣେ ନାବାଳିକା ଝିଅ ଦୀର୍ଘ ୬ ମାସ ହେବ ନିଜ ଘରୁ ବାହାରକୁ ବାହାରିନଥିବା ପରିବାର ପକ୍ଷରୁ କୁହାଯାଇଛି । ଏପଟେ ମାଟ୍ରିକ୍ ପରୀକ୍ଷା ହୋଇଥିବା ବେଳେ ଉକ୍ତ ପରୀକ୍ଷା ଦେବାକୁ ମଧ୍ୟ ଛାତ୍ରୀଜଣଙ୍କ ଯାଇନଥିଲେ । ଏଭଳି ଅନ୍ଧବିଶ୍ୱାସରେ ମାଟ୍ରିକ୍ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରୁ ସେ ବଞ୍ଚିତ ରହିଛନ୍ତି । ସୂଚନାଯୋଗ୍ୟ ଯେ, ଜଣେ ଛାତ୍ରୀ ସହରର ଏକ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ଗତ ୬ ମାସ ପୂର୍ବେ ସେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେଠାରୁ ଆସିବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ । କଥା କଥାରେ ପରିବାର ସଦସ୍ୟଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ । ଛାତ୍ରୀ ଜଣଙ୍କ ମାନସିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇଥିଲା । ପରିବାର ପକ୍ଷରୁ ଝିଅକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭ କରି ବହୁ ଡାକ୍ତରଙ୍କ ପରାମର୍ଶ ମଧ୍ୟ କରିଥିଲେ । ଏଭଳି ବିଭିନ୍ନ ସ୍ଥାନରେ ବାରମ୍ବାର ଚିକିତ୍ସା କରିବା ପରେ ମଧ୍ୟ ଝିଅଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିଲା । ପରେ ପରିବାର ପକ୍ଷରୁ ବିଭିନ୍ନ ତାନ୍ତ୍ରିକଙ୍କ ନିକଟକୁ ଯାଇ ଝଡ଼ାଫୁଙ୍କା କରାଯାଇଥିବା ଜଣାପଡ଼ିଛି । ଏହିଭଳି ଦୀର୍ଘ ୬ ମାସ ସମୟ ବିତିଯାଇଥିବା ବେଳେ ଛାତ୍ରୀ ଜଣଙ୍କ ନିଜ ବିଦ୍ୟାଳୟକୁ ଆସୁନାହାନ୍ତି । ସେହିପରି ଗତ କିଛି ଦିନ ହେବ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ଛାତ୍ରୀ ଜଣଙ୍କ ବିଦ୍ୟାଳୟରୁ ନିଜ ଆଡ୍‌ମିଟ୍ କାର୍ଡ଼ ମଧ୍ୟ ନେଇନାହାନ୍ତି । ପରୀକ୍ଷାରେ ଅନୁପସ୍ଥିତ ନେଇ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଯୋଗାଯୋଗ କରାଯାଇଥିଲା । କିନ୍ତୁ ଏହାପରେ ମଧ୍ୟ ଛାତ୍ରୀଜଣକ ମାଟ୍ରିକ୍ ପରୀକ୍ଷା ଦେଇନାହାନ୍ତି । ଏପରି ଅନ୍ଧବିଶ୍ୱାସ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରୁଛି । ଅନ୍ୟପକ୍ଷରେ ବିଦ୍ୟାଳୟକୁ ବହୁ ମାସ ହେବ ଛାତ୍ରୀ ଜଣକ ଶ୍ରେଣୀକୁ ଆସୁନଥିଲେ । ଛାତ୍ରୀଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରିବା ସହ କିଭଳି ଛାତ୍ରୀ ଜଣକ ନିୟମିତ ବିଦ୍ୟାଳୟକୁ ଆସିବେ ସେନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ରହିଥିବା ବେଳେ ଛାତ୍ରୀଙ୍କ ବିଦ୍ୟାଳୟ ମୁହାଁ କରିବା ଜିଲ୍ଲା ଶିକ୍ଷା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଶିକ୍ଷା ପ୍ରଶାସନର ନାନାଦି ପ୍ରକାର ଅନିୟମିତତା ସହ ପରିଚାଳନାରେ ନିଷ୍କ୍ରିୟତା କାରଣରୁ ଗୋଟିଏ ପରେ ଗୋଟିଏ ଅଭାବନୀୟ ଚିତ୍ର ସାମ୍ନାକୁ ଆସୁଛି । ଏହିସବୁ କାରଣରୁ ଜିଲ୍ଲାର ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ବେସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି । ବିଭିନ୍ନ ସମୟରେ ଜିଲ୍ଲାର ଗ୍ରାମାଞ୍ଚଳ ଗୁଡ଼ିକରେ ଏଭଳି ଘଟଣା ଦେଖିବାକୁ ମିଳୁଥିବା ବେଳେ ବ୍ରହ୍ମପୁର ସହର ପରି ସ୍ଥାନରେ ଏପରି ଅନ୍ଧବିଶ୍ୱାସ ଲୋକଙ୍କ ନିକଟରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସହରର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି । ଆଧୁନିକ ଯୁଗରେ ଅନ୍ଧବିଶ୍ୱାସ ମାୟାଜାଲରେ ଛନ୍ଦି ହୋଇପଡ଼ିଥିବା ଘଟଣା ଶିକ୍ଷା ପ୍ରଶାସନର ଉଦାସୀନତାକୁ ପଦାରେ ପକାଇଦେଇଛି । ଏହି ଖବର ସାମ୍ନାକୁ ଆସିବା ପରେ ପ୍ରଶାସନର ଦକ୍ଷତା ଓ କାର୍ଯ୍ୟ ପ୍ରଣାଳୀକୁ ନେଇ ଶିକ୍ଷାବିତ୍ ପ୍ରଶ୍ନ ଉଠାଇଛନ୍ତି । ଏଭଳି କ୍ଷେତ୍ରରେ ଦିନକୁ ଦିନ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି । ଏଣୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ପ୍ରଶାସନ ପକ୍ଷରୁ ଉକ୍ତ ଛାତ୍ରୀଙ୍କ ପରିବାରକୁ ଯୋଗାଯୋଗ କରିବା ସହ ପାଠପଢ଼ା ସମେତ ଉପଯୁକ୍ତ ଚିକିତ୍ସା କରାଇବା ନେଇ ପଦକ୍ଷେପ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ଯାତ୍ରୀ ବିଶ୍ରାମକକ୍ଷର ସ୍ଥାନ ପରିବର୍ତ୍ତନ ନେଇ ଅସନ୍ତୋଷ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ସହର ସାନ ବଜାର ଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଯାତ୍ରୀ ବାହି ଅଟୋ ସଂଘ ଓ ମା' ନାରାୟଣୀ ବଣିକ ସଂଘ ଓ ଗୋପୀନାଥ ବଜାର ପକ୍ଷରୁ ବହୁ ଦିନରୁ ହୋଇଆସୁଥିଲା । ବିଭିନ୍ନ ସଂଗଠନର ଦାବି ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ପୂର୍ବରୁ ଥିବା ମାଛ ମାର୍କେଟ୍ ତଥା କଲେଜ ରୋଡ୍ ପାର୍ଶ୍ୱରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ସେହି ସ୍ଥାନ ନିଛାଟିଆ ସ୍ଥାନ ହୋଇଥିବାରୁ ବିଶ୍ରାମଗାରଟି ସାନବଜାର ଛକ ଉପରେ କରିବାପାଇଁ ନିଷ୍ପତି ନିଆଗଲା ଯେଉଁଠି ପ୍ରକୃତରେ ଯାତ୍ରୀଙ୍କ ସେବାରେ ଆସିବ କାମ ଆରମ୍ଭ ବି ହେଇଗଲା ହଟାତ୍ କଣ ପାଇଁ କଣ୍ଟ୍ରାକ୍ଟର କାମ ବନ୍ଦ କରିଦେଲେ । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମ୍ୟାଡ଼ାମ୍‌ଙ୍କୁ ପଚାରିବାରେ ଲୋକଙ୍କ ସୁବିଧା ହେଲେ ଆମେ କଣ କରିପାରିବୁ ଜଣେ ଦୋକାନୀ ସେ କାମକୁ ବିରୋଧ କରୁଛନ୍ତି । ସେଥିପାଇଁ କାମ ବନ୍ଦ କରାଯାଇ ଅନ୍ୟତ୍ର କରାଗଲା ହେଲେ ବର୍ତ୍ତମାନ ଯୋଉଠି ବିଶ୍ରାମାଗାର ନିର୍ମାଣ ହେବାକୁ ଯାଉଛି ତାହା ନିଛାଟିଆ ସ୍ଥାନ । ସେଠି ଝିଅ, ବୋହୂ, ମହିଳା ଯାତ୍ରୀ କିଭଳି ସୁରକ୍ଷିତ ଭାବେ ବସ୍ ଗାଡିକୁ ଅପେକ୍ଷା କରିବେ । ଅନ୍ୟପଟେ ସେଠାରେ ୱାନ୍ ୱେ ରୋଡ଼ୁ ଏବଂ ଡିଭାଇଡର ରହିଛି । ଯଦିଓ ଭୁବନେଶ୍ୱର ପଟେ ଯିବାକୁ ଅପେକ୍ଷାରତ ଯାତ୍ରୀ ସୁବିଧାରେ ଗାଡି ଚଢିପାରିବେ କିନ୍ତୁ ବ୍ରହ୍ମପୁର ଯିବାକୁ ଥିବା ଯାତ୍ରୀ ଡିଭାଇଡର ଡେଇଁ ଆରପଟ ରାସ୍ତାକୁ କିଭଳି ଯିବେ ତାହା ପ୍ରଶ୍ନ ଉଠାଇଛି ବଣିକ ସଂଘ । ଛୋଟ ଛୁଆକୁ ଧରି ଜଣେ ଯୁବତୀ କିମ୍ବା ମହିଳା ଓ ବୃଦ୍ଧା କିଭଳି ଗାଡି ବସ୍‌ରେ ସୁରକ୍ଷିତ ଭାବେ ଯାତ୍ରା କରିବେ ବୋଲି ବଣିକ ସଂଘ ସମ୍ପାଦକ ପ୍ରଭାତ କୁମାର ସାହୁ, ସନ୍ତୋଷ ଗୌଡ଼, ମନୋଜ ବେହେରା, ପ୍ରଫୁଲ ବୈଠାରୁ, ପ୍ରମୋଦ ବେହେରା ଯୁକ୍ତି ବଷଢିଛନ୍ତି । ମହିଳା ଯାତ୍ରୀଙ୍କ ପାଇଁ ପ୍ରଶାସନ ସେଠି ସିକ୍ୟୁରିଟି ବ୍ୟବସ୍ଥା କରିବକି ବୋଲି ପ୍ରଶ୍ନ କରିଛନ୍ତି । ସେଠି ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଲେ ବରଂ ମଦ୍ୟ ପାନକାରୀ ଓ ଅସାମାଜିକଙ୍କ ଅଡ୍ଡାସ୍ଥଳୀ ହେବ ବୋଲି ସେ କହିଛନ୍ତି । ଅନ୍ୟପଟେ ସାନ ବଜାର ଜନଗହଳିପୂର୍ଣ୍ଣ ସ୍ଥାନରେ ବିଶ୍ରାମାଗାର ନିର୍ମାଣ କରିବାକୁ ବିଭିନ୍ନ ସଂଘ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ ଓ ଆତ୍ମ ନିର୍ଭର କରାଯାଉଛି

**ଜଳେଶ୍ୱର,ନ୍ୟୁଜ ବ୍ୟୁରୋ**




ସରକାର ଗ୍ରାମାଞ୍ଚଳ ହେଉ ଅବା ସହରାଞ୍ଚଳ ହେଉ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ମିସନ୍ ଶକ୍ତି ଅଧୀନରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ସହରର ମହିଳାମାନଙ୍କ ପାଇଁ ମଧ୍ୟ ସହରାଞ୍ଚଳ ମିସନ୍ ଶକ୍ତି ଯୋଜନା ରହିଛି । ଏହି ଯୋଜନା ଅଧୀନରେ ମିସନ୍ ଶକ୍ତି ଗୃହ ନିର୍ମାଣ କରାଯାଉଛି । ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେ ଯୋଜନା ମଳିନ ହୋଇ ପଡିଛି ତା'ର ପ୍ରମାଣ ହେଲା ଅଢ଼େଇ ହେବ ନିର୍ମାଣ କାମ ସରିଥିଲେ ମଧ୍ୟ ୧୦ଟି ମିସନ୍ ଶକ୍ତି ଗୃହରେ ଏଯାଏ ତାଲା ଝୁଲିବା ସହିତ ବୁଢିଆଣୀ ଜାଲ ଛାଇ ଯାଇଛି । ସୂଚନା ଅନୁସାରେ ଜଳେଶ୍ୱର ମ୍ୟୁନିସିପାଲିଟିର ୧୭ଟି ୱାର୍ଡରେ ୩୧୮ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ରହିଛି । ଗୋଷ୍ଠୀଗୁଡ଼ିକରେ ମୋଟ ୩,୩୧୫ ଜଣ ମହିଳା ସଦସ୍ୟା ଅଛନ୍ତି । ଯେଉଁ ମହିଳାମାନଙ୍କ ତାଲିମ, ସେମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସାମଗ୍ରୀର ପ୍ରଦର୍ଶନୀ, ମାସିକ ବୈଠକ ତଥା ଅନ୍ୟ ଅଢ଼େଇ ବର୍ଷ ହେବ ୧୦ ନବନିର୍ମିତ ଗୃହରେ ତାଲା କାର୍ଯ୍ୟ ପାଇଁ ବିଗତ ସରକାର ସବୁ ୱାର୍ଡରେ ମିସନ୍ ଶକ୍ତି ଗୃହ ନିର୍ମାଣ ପାଇଁ ଯୋଜନା କରିଥିଲେ । ସେହି ଅନୁସାରେ ୨୦୨୨–୨୩ ଆର୍ଥିକ ବର୍ଷରେ ମ୍ୟୁନିସିପାଲିଟିର ୧୩ଟି ୱାର୍ଡରେ ମିସନ୍ ଶକ୍ତି ଗୃହ ନିର୍ମାଣ ହୋଇଥିଲା । ଗୋଟିଏ ଗୋଟିଏ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାରୁ ୭.୯ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରାଯାଇଥିଲା । ଯେଉଁ ୱାର୍ଡରେ ମିସନ୍ ଶକ୍ତି ଗୃହ ନିର୍ମାଣ ହୋଇଛି । ସେହିସବୁ ୱାର୍ଡଗୁଡ଼ିକ ହେଉଛି; ୧, ୨,୩,୪,୫,୮,୧୦,୧୧,୧୨,୧୩, ୧୫,୧୬ ଓ ୧୭୮ ତେବେ ଆଶ୍ଚର୍ଯ୍ୟର କଥା ସବୁତକ ଗୃହ ଅଢ଼େଇ ବର୍ଷ ହେବ ନିର୍ମାଣ ସରିଯାଇଥିବା ବେଳେ କେବଳ ୧୧, ୧୨ ଓ ୧୩ ନମ୍ବର ୱାର୍ଡର ଗୃହକୁ ଯଥାକ୍ରମେ ସତ୍ୟନାରାୟଣ, ବିଶ୍ୱ ପଲ୍ଲୀଶ୍ରୀ ଓ ଶ୍ରୀଜଗନ୍ନାଥ ସ୍ୱୟଂସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି । ବାକି ୧୦ଟି ଗୃହରେ ଏଯାଏ ତାଲା ପଡ଼ିଛି । ଫଳରେ ଗୋଷ୍ଠୀର ମହିଳା ମାନେ ଗୃହର ସୁଫଳ ପାଇ ପାରି ନାହାନ୍ତି । ଏନେଇ ମିସନ୍ ଶକ୍ତିର ଜଣେ ଅଧିକାରୀ କହିଛନ୍ତି, ମ୍ୟୁନିସିପାଲିଟି ଗୃହ ନିର୍ମାଣ କରିଛି । ଯେତେ କହିଲେ ମଧ୍ୟ ଆମକୁ ଗୃହ ହସ୍ତାନ୍ତର ହେଉନି । ଅନ୍ୟପଟେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ସେ କହିଛନ୍ତି, ଆମର ଗୃହ ତିଆରି ଦାୟିତ୍ୱ ଥିଲା । ଯାହାକୁ ଆମେ ଠିକ୍ ଭାବେ ତୁଲାଇଛୁ । ହେଲେ ଗୃହ କାହାକୁ ହସ୍ତାନ୍ତର କରିବୁ,ସେନେଇ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ନିର୍ଦ୍ଦେଶ ନଥିଲା । କିଛିଦିନ ତଳେ ଆମେ ମିସନ୍ ଶକ୍ତିକୁ ଗୃହ ହସ୍ତାନ୍ତର ନେଇ ଚିଠି ପାଇଛୁ । ସାତଦିନ ମଧ୍ୟରେ ଏହି କାମ ସାରି ଦେବୁ କହିଛନ୍ତି ।

# ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବିକାଶ କାର୍ଯ୍ୟ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ପଂଚାୟତରାଜ ଏବଂ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ ବଲାଙ୍ଗିର ଗସ୍ତ କାର୍ଯ୍ୟକ୍ରମ ରେ ଆସିଥିଲେ । ବଲାଙ୍ଗିର ସାର୍କିଟ ହାଉସ ଠାରେ ସ୍ମାଇଲ ଫର ଅଲ୍ ଫାଉଣ୍ଡେସନ ସଂଗଠନର ପାଂଚ ଜଣିଆ ପ୍ରତିନିଧି ଦଳ ପଂଚାୟତିରାଜ ଏବଂ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟତଃ ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ରେ ସ୍ୱାସ୍ଥ୍ୟ ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ "ଆହାର କେନ୍ଦ୍ର" ବର୍ତ୍ତମାନ ସୁଦ୍ଧା ଆରମ୍ଭ କରାଯାଇନାହିଁ । ସେଥି ପାଇଁ ଆସୁଥିବା ରୋଗୀ ଏବଂ ସମ୍ପର୍କୀୟ ଖାଦ୍ୟଭାବରୁ ଅସୁବିଧା ର ସମ୍ମୁଖିନ ହେଉଛନ୍ତି । ତତ୍ ସହିତ ବଲାଙ୍ଗିର ମ୍ୟୁନିସିପାଲଟି ଅଞ୍ଚଳରେ ଅନେକ ଅସହାୟ, ନିସ୍ପେଷିତ, ପିଲା ଛୁଆ ନ ଥିବା, ବୟସାଧିକ ଯୋଗୁଁ କାର୍ଯ୍ୟକ୍ଷମ ନ ଥିବା ବୃଦ୍ଧବୃଦ୍ଧା ବ୍ୟକ୍ତି ଅଛନ୍ତି ସେମାନଙ୍କୁ ଦୁଇ ବେଳେ ର ଖାଦ୍ୟ ମିଳୁନଥିବାରୁ ସ୍ମାଇଲ ଫର୍ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ମାନଙ୍କ ପାଖକୁ ଖବର ଆସିଥିଲା । ସଂଗଠନ ର ବନ୍ଧୁମାନେ ତୁରନ୍ତ ବିଚାରକୁ ନେଇ ନିଜ ସଂଗଠନ ତରଫରୁ "ପେଟ କେ ମୁଠେ" ନାମକ ଅଭିଯାନ ଆରମ୍ଭ କରିଦେଇଛନ୍ତି । ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ସମୟ ଆସୁଥିବାରୁ ସଙ୍କୋଚତାର ସହ ଲୋକଙ୍କର ଜୀବନ ଜୀବିକାରେ ଖାଦ୍ୟର ଅଭାବ ନ ରହୁ ମାନ୍ୟବର ମନ୍ତ୍ରୀ ସ୍ମାଇଲ ଫର ଅଲ୍‌ର "ପେଟ କେ ମୁଠେ" ଅଭିଯାନକୁ ସହଯୋଗ ହେବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ସରକାରଙ୍କ ତରଫରୁ ପୂର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଥିଲେ । ଏହି ସାକ୍ଷାତ ରେ ସ୍ମାଇଲ ଫର ଅଲ୍ ଫାଉଣ୍ଡେସନ ର ସଭାପତି ସାମସନ ମିସାଲ, ସଂପାଦକ ସଞ୍ଜିବ କୁମାର ସାହୁ (ରାଜୁ), କୋଷାଧ୍ୟକ୍ଷ ଜୟକୃଷ୍ଣ ମିଶ୍ର, ବିଶ୍ୱଜିତ ନାଥ, ପୁରୁଷୋତ୍ତମ ସାହୁ, ପ୍ରଶାନ୍ତ ନାୟକ, ଅଘରିଆ ସମାଜ ରୁ ଶୁଭ୍ରାଂଶୁ ପଟେଲ ଓ ସୁରେଶ ବାଗ ଉପସ୍ଥିତ ଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କାହିଁକି ଛାତ୍ରଙ୍କ ଉଗ୍ର ରୂପ ?

ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ରଣକ୍ଷେତ୍ରରେ ପରିଣତ ହୋଇଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ର ଏବଂ ପୁଲିସ ମଧ୍ୟରେ ଭୟଙ୍କର ଧସ୍ତାଧସ୍ତି ଦେଖିବାକୁ ମିଳିଛି । ଏହି ସମୟର କିଛି ସାଂଘାତିକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଛାତ୍ରମାନେ ପୋଲିସ ଉପରକୁ ଆକ୍ରମଣ କରୁଥିବା ନଜର ଆସୁଛନ୍ତି । ଜେଏନୟୁ ଛାତ୍ର ସଂଘ (JNUSU) ପକ୍ଷରୁ ଶିକ୍ଷା ମନ୍ତ୍ରଣାଳୟ ଅଭିମୁଖେ ଏକ 'ଲଙ୍ଗ ମାର୍ଚ୍ଚ' ବା ବିରୋଧ ପ୍ରଦର୍ଶନର ଆହ୍ୱାନ ଦିଆଯାଇଥିଲା । ବିଶ୍ୱବିଦ୍ୟାଳୟ କୁଳପତିଙ୍କ କିଛି ନିଷ୍ପତ୍ତି ଏବଂ ଛାତ୍ର ନେତାଙ୍କ ନିଲମ୍ବନ ବିରୋଧରେ ଏହି ଆନ୍ଦୋଳନ କରାଯାଉଥିଲା । ପୁଲିସ ପକ୍ଷରୁ କ୍ୟାମ୍ପସ ବାହାରକୁ ଯିବା ପାଇଁ ଅନୁମତି ନଥିଲେ ମଧ୍ୟ ପ୍ରାୟ ୪୦୦-୫୦୦ ଛାତ୍ର ଜବରଦସ୍ତି ଗେଟ୍ ବାହାରକୁ ଯିବାକୁ ଚେଷ୍ଟା କରିଥିଲେ । ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଛାତ୍ର କର୍ତ୍ତବ୍ୟରତ ପୁଲିସ ଅଧିକାରୀଙ୍କୁ ଚାପୁଡ଼ା ମାରୁଛନ୍ତି । ଅନ୍ୟ ଏକ ଭିଡିଓରେ ଛାତ୍ରମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଲାଠି ଓ ଜୋତା ଫିଙ୍ଗୁଛନ୍ତି। ପୁଲିସର ଦାବି ଅନୁଯାୟୀ, କିଛି ଛାତ୍ର ପୁଲିସ କର୍ମଚାରୀଙ୍କୁ ଦାନ୍ତରେ କାମୁଡ଼ି ଦେଇଛନ୍ତି । ଏହି ହିଂସାକାଣ୍ଡ ମାମଲାରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୪ ଜଣଙ୍କୁ ଗିରଫ କରିଥିଲା । ତେବେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଗିରଫ ହୋଇଥିବା ସମସ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଜାମିନ ପାଇଥିବା ମୁଖ୍ୟ ଛାତ୍ର ନେତାମାନେ ହେଲେ JNU ସଭାପତି ଅଦିତି ମିଶ୍ରା, ପୂର୍ବତନ ସଭାପତି ନୀତିଶ କୁମାର, ଉପସଭାପତି ଗୋପିକା ବାବୁ, ଯୁଗ୍ମ ସମ୍ପାଦକ ଦାନିଶ ଅଲି । ପୋଲିସର କହିବା କହିବାନୁସାରେ, ଛାତ୍ରମାନେ ଆଇନ ହାତକୁ ନେଇଛନ୍ତି ଏବଂ ପୁଲିସ ଉପରକୁ ମାରାତ୍ମକ ଆକ୍ରମଣ କରିଛନ୍ତି, ଯେଉଁଥିରେ ଅନେକ କର୍ମଚାରୀ ଆହତ ହୋଇଛନ୍ତି । ଆନ୍ଦୋଳନ ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିଛି ଏବଂ ଶାନ୍ତିପୂର୍ଣ୍ଣ ମାର୍ଚ୍ଚକୁ ଅଟକାଇବାକୁ ଚେଷ୍ଟା କରିଛି । ଏଥିରେ ଅନେକ ଛାତ୍ରଛାତ୍ରୀ ମଧ୍ୟ ଆହତ ହୋଇଛନ୍ତି।

# ଶ୍ରୀ ଜଗନ୍ନାଥଙ୍କ ବସନ୍ତରାସ ଓ ଚାଚେରୀନୀତି



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ନବ ବସନ୍ତ ସମୟ। ନବବୃନ୍ଦାବନ ରସମୟ। ତରୁଲତାରାଜି ନବ କିଶଳୟ ବିଶୋଭିତ। ମଲ୍ଲୀମହକ। ପଳାଶ ଓଠରେ ଲାଲିମା। ମୃଦୁ ମନ୍ଦ ମଳୟ। ତନୁମନ ପୁଲକିତ। ପ୍ରାଣରେ ଅପୂର୍ବ ଶିହରଣ। ରାଧାକୃଷ୍ଣ ସହିତ ଗୋପଲଳନା। ହଜି ମଜ୍ଜିଯାଆନ୍ତି ବସନ୍ତ ରାସରେ। ଦୋଳିରେ ରାଧା ଗୋବିନ୍ଦ। ସଭିଙ୍କ ହାତରେ ରଙ୍ଗ ପିଚକାରୀ। ଅବିରର ରଙ୍ଗଉତ୍ସବ। ଦ୍ୱାପର ଯୁଗରୁ ଏହି ଉତ୍ସବର ଅୟମାରମ୍ଭ। ଆସେ ପ୍ରତୀକ୍ଷିତ ଫଗୁ ଦଶମୀ। ଆରମ୍ଭ ହୁଏ ଦୋଳପର୍ବ। ଫଗୁପୂର୍ଣ୍ଣିମା ପରଦିନ ରଙ୍ଗୋତ୍ସବ। ସାଧାରଣତଃ ଏହା ହୋଲି ଭାବେ ଅଭିହିତ। ପୂର୍ଣ୍ଣିମା ପାଞ୍ଚଦିନ ପଞ୍ଚୁଦୋଳ। ଓଡ଼ିଶାର କେତେକ ଅଞ୍ଚଳ। ସେଠାରେ ଦଶ ଦୋଳ ପରମ୍ପରା। ଦ୍ୱାପରରେ ରାଧା ଗୋବିନ୍ଦ ଝୁଲଣ ମଣ୍ଡପରେ। ସୁସଜ୍ଜିତ ଦୋଳିରେ ଝୁଲନ୍ତି। କଳିରେ ବିମାନରେ ବିଜେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି। ଗାଁ ଗାଁରେ ପରିକ୍ରମା। ମଠ, ପୀଠ, ମନ୍ଦିରରେ ମେଳନ। ବିମାନମାନଙ୍କର ଏକତ୍ରୀକରଣ। କେଳା କେଲୁଣୀ ନାଚ, ବାଘ ନାଚ, ଭେରୀତୁରୀ, ମହୁରୀ, ଅପୂର୍ବ ଭାକ୍ତିକ ପରିବେଶ। ଭକ୍ତଜନ ବିହ୍ୱଳ। ଦିଅଁମାନଙ୍କୁ ନୈବେଦ୍ୟ ଲାଗି କରାଯାଏ। ଶ୍ରୀକୃଷ୍ଣଙ୍କ ସହ ଷୋଳସହସ୍ର ଗୋପନାରୀଙ୍କୁ ଆନ୍ତରିକ ଭକ୍ତି ପ୍ରଦାନ। ଏହା ଦୋଳ ଉତ୍ସବର ମୁଖ୍ୟ ଆଭିମୁଖ୍ୟ। ସେଇଥି ପାଇଁ କଥିତ - "ହରେ ମୁରାରେ ମଧୁକୈଟଭାରେ / ଗୋବିନ୍ଦ ଗୋପାଳ ମୁକୁନ୍ଦ ସୋରେ / ଯଜ୍ଞେଶ ନାରାୟଣ ବାସୁଦେବୋ ନିରାଶ୍ରୟମାମ୍ ଅନୁକୂଳ ରକ୍ଷ।"

ଫାଲଗୁନ ମାସ ମଧୁମାସ ଭାବେ ପରିଚିତ। ବସନ୍ତ ମହୋତ୍ସବ ମହାପ୍ରଭୁ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ। କେବଳ ଶ୍ରୀକ୍ଷେତ୍ର ନୁହେଁ; ସାରା ଭାରତବର୍ଷରେ ଏହି ଉତ୍ସବ ପାଳିତ। ବସନ୍ତର ଆଗମନ। ପିକର ପଞ୍ଚମ ତାନରେ ଗାନ। ଆମ୍ର କାନନରୁ ମହକି ଆସେ ଆମ୍ର ମୁକୁଳର ଗନ୍ଧ, ସୁବାସିତ ପରିବେଶ। ବସନ୍ତ ଋତୁରେ ପାଳିତ ଉକ୍ତ ଉତ୍ସବ। ଏଣୁ ଏହାର ନାମ 'ବସନ୍ତ ମହୋତ୍ସବ'। ବିଶେଷ ଭାବେ ଏହା ଦୋଳଯାତ୍ରା ଭାବେ ପରିଚିତ। ଏହାର ଅନ୍ୟନାମ 'ମଦନ ମହୋତ୍ସବ'। ସ୍କନ୍ଦ ପୁରାଣ କହେ – "ଫାଲଗୁନେ ପୌର୍ଣ୍ଣ ମାସ୍ୟାଂତୁ ବିଦଧ୍ୟାତ୍ ବୈଷ୍ଣବୈଃ ସହ / ଶ୍ରୀକୃଷ୍ଣ ପ୍ରିୟ ଭକ୍ତସ୍ୟ ବସନ୍ତ ସ୍ୟାର୍ଚ୍ଚ ନୋ ତ୍ସବମ୍।" ଫଗୁ ପୂର୍ଣ୍ଣିମାରେ ବସନ୍ତ ଉତ୍ସବ। ଭଗବାନ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ଏହି ଉତ୍ସବ। ରାଧାକୃଷ୍ଣଙ୍କ ମନ ଉଲ୍ଲାସ ପାଇଁ ଏ ଉତ୍ସବର ଆୟୋଜନ। ବୃନ୍ଦାବନ, ଯମୁନାତଟ, ଶ୍ରୀକୃଷ୍ଣ ରାଧା ଦୋଳିରେ, ଝୁଲନ୍ତି ଗୋପୀମାନେ। ଏହି ଉତ୍ସବର ନାମ 'ବାସନ୍ତିକ ରାସ'। ରସରାଜ ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ମାନିନୀ ରାଧା। ଅପ୍ରାକୃତ ପ୍ରେମମୂର୍ତ୍ତି ରାଧା ହରି। ତାଙ୍କରି ଜୟଗାନ। ଗୋପ ଗୋଇଙ୍କ ମେଳରେ ରାଧାକୃଷ୍ଣ। ଫଗୁପୂର୍ଣ୍ଣିମାରେ ଦୋଳିରେ ବିଜେ ମାଧବ। ସେଇଥି ପାଇଁ ଶ୍ରୀକୃଷ୍ଣ 'ଦୋଳଗୋବିନ୍ଦ'। ଏ ଲୀଳା ଦ୍ୱାପର ଯୁଗର। କଳିରେ ଶ୍ରୀ ଜଗନ୍ନାଥଙ୍କ ମଧ୍ୟ ଅନୁରୂପ ଲୀଳା।

ବସନ୍ତ ମହୋତ୍ସବର ଏକ ରୋଚକ ଉପାଖ୍ୟାନ। ଶ୍ରୀରାଧାଙ୍କ ହଜିଯାଇଥିବା କର୍ଣ୍ଣ ଅଳଙ୍କାର। ପ୍ରାପ୍ତହେଲେ ଶ୍ରୀକୃଷ୍ଣ। ରାଧାଙ୍କ ସହ ମିଳନାକାଂକ୍ଷୀ ଶ୍ରୀକୃଷ୍ଣ। ମାଧମଟେ ପାଇଗଲେ। ଯାତ୍ରାର ଆୟୋଜନ ହେଲା। ବିମାନରେ ଝୁଲାଇ ଦିଆଗଲା ରାଧାଙ୍କ ଅଳଙ୍କାର। ଗୋପବାସୀ ବାଳକମାନଙ୍କ କାନ୍ଧରେ ବିମାନ। ପଛରେ ଶ୍ରୀକୃଷ୍ଣ ସହ ଅନ୍ୟ ଗୋପାଳମାନେ। ମୁହଁରେ ଓଗାଳ, ଲଉଡ଼ି ଖେଳ। ଶ୍ରୀରାଧା ଫେରି ପାଇଲେ ତାଙ୍କ ସ୍ୱର୍ଣ୍ଣାଳଙ୍କାର। ଶ୍ରୀକୃଷ୍ଣ ପ୍ରତି ତାଙ୍କର ପ୍ରେମ ବହୁଗୁଣିତ ହେଲା।

ଦୈତ୍ୟ ହିରଣ୍ୟକଶିପୁ। ତାଙ୍କ ପୁତ୍ର ପ୍ରହ୍ଲାଦ – କୃଷ୍ଣ ଭକ୍ତ। ଅସହିଷ୍ଣୁ ଦୈତ୍ୟ। ତାଙ୍କ ଭଗିନୀ ହୋଲିକା। ଅଗ୍ନିସ୍ତମ୍ଭନ ମନ୍ତ୍ରରେ ଦୀକ୍ଷିତା। ପ୍ରହ୍ଲାଦଙ୍କୁ କୋଳରେ ଧରି ପଶିଲେ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ। ବିଷ୍ଣୁଙ୍କ ମାୟା,



ହୋଲିକା ମନ୍ତ୍ର ସମ୍ପୂର୍ଣ୍ଣ ଅକାମୀ। ଦଗ୍ଧୀଭୂତା ହୋଲିକା, ଅକ୍ଷତ ପ୍ରହ୍ଲାଦ। ନଗ୍ରବାସୀ ହର୍ଷ ଉଲ୍ଲାସରେ ହୋଲି ପର୍ବ ପାଳିଲେ। ରାକ୍ଷସୀ ହୋଲିକା ଦହନକୁ ନେଇ ଏଇ ହୋଲିପର୍ବ।

ପୁରୀ ଶ୍ରୀମନ୍ଦିରରେ ଦୋଳଯାତ୍ରା ଏକ ସ୍ୱତନ୍ତ୍ର ବିଧି। ଫାଲଗୁନ ଦଶମୀଠାରୁ ପୂର୍ଣ୍ଣିମା, ଏହି ଅବଧିରେ ବିଭିନ୍ନ ବିଧିବିଧାନ। ଉକ୍ତ ଉତ୍ସବ 'ବସନ୍ତ ଗୁଣ୍ଡିଚା'। ବର୍ଷ ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ପ୍ରାୟ ୨୪ଟି ବେଶ। ପୁରୁଷୋତ୍ତମ ଗୀତାରେ ଏ ସମ୍ପର୍କରେ ସୂଚନା ପ୍ରଦତ୍ତ – "ତୋର ବିବିଧ ବେଶ ଦେଖି / ନିର୍ମଳ ହେଲା ମୋର ଆଖି / ଚତୁର୍ବିଂଶତି ତତ୍ତ୍ୱ କଥା / ଚବିଶ ବେଶର ବ୍ୟବସ୍ଥା / କାବ୍ୟ କେ ବର୍ଣ୍ଣିବ ମହିମା।" ଏ ବେଶମାନଙ୍କ ମଧ୍ୟରେ ଚାଚୋରୀ ବେଶ ଅନ୍ୟତମ। ଶ୍ରୀଜୀଉମାନଙ୍କ ଏହା ବସନ୍ତକାଳୀନ ବେଶ। ବସନ୍ତ ପଞ୍ଚମୀ, ଶ୍ରୀଜଗନ୍ନାଥଙ୍କ ଶୀତକାଳୀନ ଶୃଙ୍ଗାର ସମାପ୍ତି। ସେଇଦିନ ଠାରୁ ବସନ୍ତ ଉତ୍ସବର ଆରମ୍ଭ। ଉକ୍ତ ଦିନ ଶ୍ରୀଜୀଉଙ୍କ ଠାରେ ଚନ୍ଦନ ମିଶ୍ରିତ ଫଗୁଲାଗି, ପୁନଶ୍ଚ ଏଇ ଉତ୍ସବର ଆରମ୍ଭ ଫଗୁ ଦଶମୀଠାରୁ। ଶେଷ ହୁଏ ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ। ମହାପ୍ରଭୁଙ୍କର ଏହି ଦିବ୍ୟଲୀଳା। ତାହା ଚାଚେରୀ ଲୀଳା ଭାବେ କଥିତ।

ଷୋଡ଼ଶ ଶତାବ୍ଦୀର କବି ଶରଣ ଦାସ। ତାଙ୍କ ଦ୍ୱାରା ରଚିତ 'ଚାଚେରୀ ଲୀଳା', ମହାପ୍ରଭୁଙ୍କ ଦୋଳ ଉତ୍ସବ ସମ୍ପର୍କରେ ଏଥିରେ ବର୍ଣ୍ଣିତ। ଶ୍ରୀରାଧା ପ୍ରେମରେ ଆର୍ଦ୍ର ଶ୍ରୀକୃଷ୍ଣ। ତାଙ୍କ ସହିତ ମିଳିତ ହେବାର ପରିକଳ୍ପନା ଏହି ଉତ୍ସବର ଉତ୍ସ। ରାଧାଙ୍କର ହଜି ଯାଇଥିଲା 'ତଡ଼କି'। ପାଇଲେ ଶ୍ରୀକୃଷ୍ଣ। ଦାମ, ସୁଦାମ, ମଧୁମଙ୍ଗଳ। ଏମାନଙ୍କୁ ଡକାଇଲେ। ବୋଇଲେ- "ଏବେ ଆମ୍ଭେ ଉପାୟେ କରିବା / ଦୋଳ ଯାତ୍ରାକରି ଆମ୍ଭେ ଯାତେ ଭିଆଇବା / ରାତ୍ର ଚାଚୋରୀ ବୁଲିବା / ଦୀପ ଦିହୁଡ଼ି ହୁଳା ଜାଳିବା / ଏ ତଡ଼କି ନେଇତେ ବାନ୍ଧି ଛାମୁରେ ଥିବା / ଯେ ମୋହର ବୋଲିବ ଦେଖି ଜାଣିବା।" ଏ କଥାଟି ଚାଚୋରୀ ଲୀଳାର ମୁଖ୍ୟ ଉପାଖ୍ୟାନ।ଚାଚୋରୀ ନୈବେଦ୍ୟ। ଏ ସମ୍ପର୍କରେ ସୂଚନା ଦିଏ 'ଚାଚେରୀ ଲୀଳା'। ସେଇ ସବୁ ନୈବେଦ୍ୟ ମଧ୍ୟରେ ପଣା, ଫେଣା, ସାକର, ଲଡୁ, ସିଙ୍ଗଡ଼ା, ଖଇ, ଦହି, ଘଷାପାଣି, ଅଦାପାଚେଲି, ସର ଅଧାମ, ଦୁଗୁଣି, ତିଗୁଣି, ଗୋଟିକା, ଛେନାମଣ୍ଡା, ନବାତଗୁଣ୍ଡ, ଡାଲୁଅ ଚୁଡ଼ା, ଅମୃତକୁଣ୍ଡ, ଅମୃତଭଣ୍ଡା, କୋରା, ଖଣ୍ଡ କଦଳୀ, ଇକ୍ଷୁ, କର୍ପୂର, ନାନାଜାତି ଫଳ ସହିତ ପାକଭୋଗ – ଏ ସମସ୍ତ ଚାଚେରୀ ଭୋଗର ମୁଖ୍ୟାଂଶ। ଏଇ ନୈବେଦ୍ୟ ଜଗନ୍ନାଥ ମହାପ୍ରଭୁଙ୍କୁ ଅର୍ପିତ।

ଫାଲଗୁନ ଶୁକ୍ଳ ଦଶମୀରୁ ଚତୁର୍ଦ୍ଦଶୀ – ଏମିତି ମୋଟ୍ ପାଞ୍ଚଦିନ। ଶ୍ରୀଜୀଉମାନେ ଚାଚୋରୀ ବେଶରେ ବିଭୂଷିତ। ମଧ୍ୟାହ୍ନରୁ ଏହି ବେଶର ଆରମ୍ଭ। ଚତୁର୍ଦ୍ଧା ମୂର୍ତ୍ତିରେ ସୁବାସିତ ଚନ୍ଦନ ଲେପନ କରାଯାଏ। ବୋଇରାଣୀ, ମାଧବଲୀ – ଏଇ ଦୁଇ ସ୍ୱତନ୍ତ୍ର ବସ୍ତ୍ର ଲାଗି ହୁଏ। ଶ୍ରୀଜୀଉମାନଙ୍କୁ ଚାରିପ୍ରକାର କର୍ଣ୍ଣ କୁଣ୍ଡଳ, ଦୁଇ ପ୍ରକାର ତଡ଼ଗି ଲାଗି ହୁଏ। ଦଶମୀ ଦିନ ମଧ୍ୟାହ୍ନ ଧୂପ ଶେଷ। ତା' ପରେ ଆସନ୍ତି ଲକ୍ଷ୍ମୀ, ସରସ୍ୱତୀ, ଦୋଳଗୋବିନ୍ଦ ଆଜ୍ଞାମାଳ ନେଇ ଦିଅଁମାନଙ୍କର ମନ୍ଦିରକୁ ବାହୁଡ଼ା ବିଜେ। ତତ୍ପରେ ମନ୍ଦିରରେ ଅନ୍ୟାନ୍ୟ ନୀତି ହୁଏ। ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଅଗ୍ନି ଉତ୍ସବ, ଲକ୍ଷ୍ମୀ ନାରାୟଣଙ୍କର ଫଗୁଖେଳ। ଲକ୍ଷ୍ମୀଙ୍କ ତରଫରୁ ସମ୍ପଦା ମାହାରୀ, ନାରାୟଣଙ୍କ ପକ୍ଷରୁ ମୁଦିରଥ। ଏମାନେ ଫଗୁ ଖେଳନ୍ତି, ପୂର୍ଣ୍ଣିମା ଦିନ ଲକ୍ଷ୍ମୀ, ସରସ୍ୱତୀ, ଦୋଳଗୋବିନ୍ଦଙ୍କ ବିଜେ ଦୋଳ ବେଦୀକୁ। ପାଳିତ ହୁଏ ବସନ୍ତ ମହୋତ୍ସବର ଶେଷ ପର୍ବ। ପ୍ରକାଶଥାଉକି ଗୀତ, ନୃତ୍ୟ, ବାଦ୍ୟ, ରଙ୍ଗ – ଏସବୁ ବସନ୍ତ ମହୋତ୍ସବର ମୁଖ୍ୟାଂଶ। ସାମଗ୍ରିକଭାବେ ଆନନ୍ଦ ବିଭୋର ପରିବେଶ। ପରିବେଶ ହିଁ ଚାଚେରୀ। ଚାଚେରୀ ସଂସ୍କୃତ ଶବ୍ଦରୁ ଆନୀତ। ସେହି ଶବ୍ଦଟି "ଚର୍ଚ୍ଚରୀ"।

ଶ୍ରୀଜଗନ୍ନାଥଙ୍କର ଦୋଳଯାତ୍ରା 'ବସନ୍ତ ଗୁଣ୍ଡିଚା'। ଏକଥାଟି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। 'ନୀଳାଦ୍ରି ମହୋଦୟ' କହେ – 'ଯେଉଁମାନେ ଏହି ଉତ୍ସବରେ ଦୋଳଗୋବିନ୍ଦଙ୍କୁ ଦର୍ଶନ କରନ୍ତି। ସେମାନେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନର ସୁଫଳ ପ୍ରାପ୍ତି ହୁଏ। ଆଉ ଏ ପୂତି ଗନ୍ଧମୟ ସଂସାର ନର୍କକୁ ପୁନରାଗମନ ନାହିଁ।" କବି ଦୀନ କୃଷ୍ଣ ଦାସ, ଲେଖିଲେ ରସକଳୋଦ କାବ୍ୟ। ଏହାର ଅନ୍ୟନାମ 'ନିତ୍ୟ ତତ୍ତ୍ୱ ରାହାସ'। ମୀନ ମାସରେ ମହାପ୍ରଭୁଙ୍କ ଏହି ଯାତ୍ରା। ତାହା ବସନ୍ତ ଗୁଣ୍ଡିଚା ଭାବେ ଖ୍ୟାତ। ଏକଥାଟି ଦୀନକୃଷ୍ଣ ସୂଚାଇଛନ୍ତି। ବିଷ୍ଣୁ ଭକ୍ତମାନଙ୍କ ଦ୍ୱାରା ଏହି ଯାତର ଶୁଭାରମ୍ଭ। ଏହାର ନାମ ଦିଆଗଲା ବସନ୍ତ ଗୁଣ୍ଡିଚା। କବି ହଳଧର ମିଶ୍ରଙ୍କ 'ବସନ୍ତ ଗୁଣ୍ଡିଚା ମହାକାବ୍ୟମ୍' ଏଥିରେ ବସନ୍ତ ମହୋତ୍ସବ କଥା। ଏହା ମୁରାରିଙ୍କର 'ରସମାଧୁରୀ' ସମ୍ପନ୍ନ ନୂଆ ଗୁଣ୍ଡିଚାଯାତ୍ରା ଏକଥାଟି କବି ଲେଖିଛନ୍ତି।

କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ। ରଚନା କଲେ ଅଷ୍ଟାଦଶ ପୁରାଣ। ତନ୍ମଧ୍ୟରେ ସ୍କନ୍ଦ ପୁରାଣ ଅନ୍ୟତମ। ଏଥି ଅନ୍ତର୍ଗତ ବୈଷ୍ଣବଖଣ୍ଡ। ଉତ୍କଳର ସମ୍ରାଟ ଜଗନ୍ନାଥ, ତାଙ୍କ ସମ୍ବନ୍ଧରେ ବହୁ ତଥ୍ୟ ଏଥିରେ। ଜୈମିନି ଋଷିଗଣଙ୍କୁ ଜଗନ୍ନାଥ ମହାତ୍ମ୍ୟ କଥା କହିଛନ୍ତି। ତନ୍ମଧ୍ୟରେ ମହାପ୍ରଭୁଙ୍କ ଦୋଳୋତ୍ସବ ବର୍ଣ୍ଣନା ନିହିତ। ଫାଲଗୁନ ମାସରେ ମହାପ୍ରଭୁଙ୍କ ଦୋଳାରୋହଣ ଉତ୍ସବ ଅନୁଷ୍ଠିତ ହେବ। ଦୋଳମଣ୍ଡପଟିଏ ନିର୍ମାଣ କରାଯିବ। ଦୋଳମହୋତ୍ସବ ପାଇଁ ଦେବ ଦେବ ଜଗନ୍ନାଥଙ୍କ ପ୍ରତିନିଧି। ଏହାର ସ୍ୱରୂପ ଗୋବିନ୍ଦ ନାମକ ପ୍ରତିମୂର୍ତ୍ତି ନିର୍ମିତ ହେବ। ମଣ୍ଡପର ପୂର୍ବଦିଗରେ ଅଗ୍ନିଉତ୍ସବ, ତାହା ଫାଲଗୁନ ପୂର୍ଣ୍ଣିମାରେ ଅନୁଷ୍ଠିତ ହେବ। ପୁନଶ୍ଚ ଋଷି ଜୈମିନୀ କହିଲେ – "ପ୍ରିତ୍ୟାର୍ଥେ ସଷ୍ଟି ହେବ ବୃନ୍ଦାବନର ଶୋଭା। ନାନାବିଧ ଫଳ ପୁଷ୍ପ ଶୋଭିତ ବୃକ୍ଷରାଜି। ମଧୁ ଗନ୍ଧଲୁବ୍ଧ ଭ୍ରମରଙ୍କର ଗୁଣୁଗୁଣୁ ଧ୍ୱନି, କୋକିଳମାନଙ୍କର କୁହୁ କୁହୁ ରବ। ପକ୍ଷୀର କାକଳି; ନବ ମଲ୍ଲିକା, ଅଶୋକ, ପୁନ୍ନାଗ, ଚମ୍ପକ, କେତକୀ ଆଦି ପୁଷ୍ପର ମହକ। ମଣ୍ଡପର ଚଉପାଶ ଅପୂର୍ବ ଶୋଭା ରାଜି ବିମଣ୍ଡିତ ହେବ। ବୃନ୍ଦାବନର ଭ୍ରମସୃଷ୍ଟି କରିବ।" ଅନୁଷ୍ଠିତ ହେବ ଗୋବିନ୍ଦଙ୍କ ବସନ୍ତ ମହୋତ୍ସବ। ମର୍ତ୍ତ୍ୟ ବୈକୁଣ୍ଠରେ ରାଧାଗୋବିନ୍ଦଙ୍କ ଏହି ହୋଲି ଉତ୍ସବ। ସତରେ ! ଅନନ୍ୟ ଅସାଧାରଣ ମଧ୍ୟ। ଦୋଳମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ। ମୁକ୍ତି ମିଳେ ବ୍ରହ୍ମହତ୍ୟା ପାପରୁ, ରକ୍ଷା ମିଳେ ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ – ଏଇ ତ୍ରିତାପ କ୍ଳେଶରୁ। ସେଇଥି ପାଇଁ କଥିତ ଅଛି –

"ଦୋଳାୟମାନ ଗୋବିନ୍ଦଂ ମଞ୍ଚସ୍ଥଂ ମଧୁସୂଦନଂ
ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।"

## ଶ୍ରୀକୃଷ୍ଣଙ୍କ ଦିବ୍ୟ ରଙ୍ଗଲୀଳାରୁ ଉଦ୍ଭବ ହୋଇଥିବା ହୋଲି ପର୍ବ

# ପ୍ରେମ, ସମତା, ଭକ୍ତି ଓ ମାନବତାର ଅଖଣ୍ଡ ଆଧ୍ୟାତ୍ମିକ ମହୋତ୍ସବ



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ଭାରତୀୟ ସଂସ୍କୃତିରେ ହୋଲିପର୍ବ ଏକ ଅଦ୍ଭୁତ ସ୍ଥାନ ଅଧିକାର କରିଛି। ଏହା କେବଳ ରଙ୍ଗ ଖେଳିବାର ଦିନ ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅନୁଭୂତି, ଏକ ସାମାଜିକ ସମତାର ଘୋଷଣା ଓ ଏକ ଦିବ୍ୟ ପ୍ରେମର ଅଭିବ୍ୟକ୍ତି। ଏହି ପର୍ବର ମୂଳରେ ରହିଛି ବୃନ୍ଦାବନର ଅମର ରଙ୍ଗଲୀଳା, ଯାହା ଶ୍ରୀକୃଷ୍ଣଙ୍କ ଶୈଶବ କ୍ରୀଡା ମାଧ୍ୟମରେ ଆରମ୍ଭ ହୋଇଥିଲା। ଏହି ଲୀଳା କେବଳ ଏକ କାହାଣୀ ନୁହେଁ; ଏହା ମାନବ ହୃଦୟରେ ପ୍ରେମ, ସମ୍ମିଳନ ଓ ସହଯୋଗର ଶାଶ୍ୱତ ଜ୍ୱାଳା ପ୍ରଜ୍ୱଳିତ କରିଥିବା ଏକ ଦିବ୍ୟ ଅନୁଭୂତି।

ପ୍ରାଚୀନ କାଳରେ ବୃନ୍ଦାବନ ଥିଲା ପବିତ୍ରତା, ସରଳତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଦିବ୍ୟ ଧାମ। ସେଠାରେ ଗୋପ ଓ ଗୋପୀମାନେ ନିଜର ସରଳ ଜୀବନ ଯାପନ କରୁଥିଲେ। ସେହି ପବିତ୍ର ଭୂମିରେ ଶ୍ରୀକୃଷ୍ଣ ନିଜ ଶୈଶବ କାଟିଥିଲେ। ତାଙ୍କ ଶ୍ୟାମଳ ବର୍ଣ୍ଣ ରୂପ ମନୋହର ଥିଲା କିନ୍ତୁ ସମାଜର ସାଧାରଣ ଦୃଷ୍ଟିରେ ରୂପ ଓ ବର୍ଣ୍ଣର ତୁଳନା ହୋଇଥାଏ। ରାଧା ଗୌରବର୍ଣ୍ଣ ଓ ଅତ୍ୟନ୍ତ ସୁନ୍ଦରୀ ଥିଲେ। ଏହି ବର୍ଣ୍ଣଭେଦକୁ ନେଇ ଶିଶୁ କୃଷ୍ଣଙ୍କ ମନରେ ଏକ ନିର୍ମଳ ପ୍ରଶ୍ନ ଉଦ୍ଭବ ହୋଇଥିଲା। ସେ ମାତା ଯଶୋଦାଙ୍କୁ ପଚାରିଥିଲେ— "ମୁଁ ଶ୍ୟାମଳ ଓ ରାଧା ଗୌର କାହିଁକି ?"

ମାତା ଯଶୋଦାଙ୍କ ସ୍ନେହମୟ ଉତ୍ତର ଏକ ନୂତନ ପରମ୍ପରାର ଆରମ୍ଭ କରିଥିଲା। ସେ କହିଥିଲେ— "ପୁତ୍ର, ଯଦି ତୁମେ ଏହି ବର୍ଣ୍ଣଭେଦକୁ ଅନୁଭବ କରୁଛ, ତେବେ ରାଧାଙ୍କ ମୁହଁରେ ରଙ୍ଗ ଲଗାଇ ଦିଅ।" ଏହି କଥାରେ ଥିଲା ଏକ ଗଭୀର ଦାର୍ଶନିକ ସନ୍ଦେଶ। ବର୍ଣ୍ଣ ହେଉଛି ଅସ୍ଥାୟୀ, କିନ୍ତୁ ପ୍ରେମ ହେଉଛି ଶାଶ୍ୱତ। ଏହି ଉପଦେଶ ଶ୍ରୀକୃଷ୍ଣଙ୍କ ମନରେ ଏକ ଖେଳାଳି ଚିନ୍ତା ଜନ୍ମ ଦେଲା। ପରବର୍ତ୍ତୀ ଦିନ ସେ ବର୍ଷାନାକୁ ଯାଇ ରାଧାଙ୍କୁ ରଙ୍ଗ ଲଗାଇଦେଲେ। ଏହା ଥିଲା ଏକ ସରଳ କ୍ରୀଡା, କିନ୍ତୁ ସେହି ମୁହୂର୍ତ୍ତରୁ ଏକ ମହାପରମ୍ପରାର ଆରମ୍ଭ ହେଲା।

ରାଧା ଓ ଗୋପୀମାନେ ମଧ୍ୟ ହସିହସି



କୃଷ୍ଣଙ୍କୁ ରଙ୍ଗ ଲଗାଇଲେ। ସମଗ୍ର ବୃନ୍ଦାବନ ହସ, ଗୀତ, ବଂଶୀର ସୁର ଓ ରଙ୍ଗର ଛଟାରେ ମୁଗ୍ଧ ହୋଇଗଲା। ଏହି ଦୃଶ୍ୟ କେବଳ ଆନନ୍ଦର ଅଭିବ୍ୟକ୍ତି ନୁହେଁ; ଏହା ଥିଲା ସମତାର ପ୍ରତୀକ। ଯେତେବେଳେ ରଙ୍ଗ ଲଗାଯାଏ, ସମସ୍ତେ ଏକ ହୋଇଯାନ୍ତି। ଧନୀ କିମ୍ବା ଗରିବ, ଉଚ୍ଚ କିମ୍ବା ନୀଚ—ସମସ୍ତ ଭେଦଭାବ ରଙ୍ଗରେ ମିଶି ଅଦୃଶ୍ୟ ହୋଇଯାଏ। ଏହା ଆମକୁ ଶିଖାଏ ଯେ ସମାଜର ସତ୍ୟ ସୌନ୍ଦର୍ଯ୍ୟ ସମତାରେ ଅଛି।

ହୋଲିର ଆଧ୍ୟାତ୍ମିକ ମହତ୍ତ୍ୱ ମଧ୍ୟ ଗଭୀର। ରଙ୍ଗ ହେଉଛି ଆନନ୍ଦର ପ୍ରତୀକ, ଏବଂ ଆନନ୍ଦ ହେଉଛି ଭକ୍ତିର ଫଳ। ଶ୍ରୀକୃଷ୍ଣଙ୍କ ଲୀଳା ଆମକୁ ସୂଚନା ଦେଉଛି ଯେ ଭକ୍ତି କେବଳ ମନ୍ଦିରରେ ପୂଜା କରିବା ନୁହେଁ; ଭକ୍ତି ହେଉଛି ଜୀବନର ପ୍ରତ୍ୟେକ କ୍ଷଣକୁ ପ୍ରେମ ଓ ଆନନ୍ଦରେ ଭରିଦେବା। ହୋଲି ଆମକୁ ଆମର ଅହଂକାର, ଦ୍ୱେଷ ଓ ଭେଦଭାବକୁ ତ୍ୟାଗ କରିବାର ଅବସର ଦେଉଛି। ଯେପରି ରଙ୍ଗ ସମସ୍ତ ଭିନ୍ନତାକୁ ଢାଙ୍କି ଦେଉଛି, ସେପରି ପ୍ରେମ ମାନବ ହୃଦୟର ସମସ୍ତ ଅନ୍ଧକାରକୁ ଦୂର କରିପାରେ।

ବୃନ୍ଦାବନ ଓ ମଥୁରାରେ ଆଜିମଧ୍ୟ ହୋଲି ଅତ୍ୟନ୍ତ ଭକ୍ତି ଓ ଉଲ୍ଲାସରେ ପାଳନ କରାଯାଏ। ଭକ୍ତମାନେ ଭଜନ କୀର୍ତ୍ତନ କରନ୍ତି, ପରସ୍ପରଙ୍କୁ ରଙ୍ଗ ଲଗାନ୍ତି ଓ ଶ୍ରୀକୃଷ୍ଣଙ୍କ ଦିବ୍ୟ ଲୀଳାକୁ ସ୍ମରଣ କରନ୍ତି। ଏହା କେବଳ ଏକ ସାଂସ୍କୃତିକ ପରମ୍ପରା ନୁହେଁ; ଏହା ଆଧ୍ୟାତ୍ମିକ ଜାଗୃତିର ଏକ ଅବସର। ହୋଲି ଆମକୁ ଶିଖାଏ ଯେ ଜୀବନରେ ରଙ୍ଗ ଭରିବା ଆମ ନିଜ ହାତରେ ଅଛି। ଯଦି ଆମେ ପ୍ରେମ ବାଣ୍ଟିବା, ତେବେ ସମାଜ ଆନନ୍ଦରେ ରଙ୍ଗାୟିତ ହେବ।

ଏହି ପର୍ବର ସାମାଜିକ ମହତ୍ତ୍ୱ ମଧ୍ୟ ଅପାର। ହୋଲି ଦିନ ଲୋକମାନେ ପୁରୁଣା ଦ୍ୱେଷକୁ ଭୁଲି ନୂତନ ସମ୍ପର୍କର ଆରମ୍ଭ କରନ୍ତି। ଏହା ହେଉଛି କ୍ଷମା ଓ ପୁନର୍ମିଳନର ଦିନ। ଯେଉଁଠାରେ ରଙ୍ଗ ଅଛି, ସେଠାରେ ଆନନ୍ଦ ଅଛି; ଯେଉଁଠାରେ ଆନନ୍ଦ ଅଛି, ସେଠାରେ ଏକତା ଅଛି। ଏହି ସନ୍ଦେଶ ଆଜିର ପୂର୍ଣ୍ଣ ସମାଜ ପାଇଁ ବହୁତ ଆବଶ୍ୟକ।

ହୋଲି ପର୍ବ ଆମକୁ ଏହା ମଧ୍ୟ ସ୍ମରଣ କରାଏ ଯେ ପ୍ରକୃତି ମଧ୍ୟ ଏହି ସମୟରେ ରଙ୍ଗରେ ମୁଗ୍ଧ ହୋଇଯାଏ। ବସନ୍ତ ଋତୁର ଆଗମନ ସହ ପୃଥିବୀ ଫୁଲରେ ସୁସଜ୍ଜିତ ହୋଇଯାଏ। ଏହା ପ୍ରକୃତି ଓ ମାନବ ମଧ୍ୟରେ ଏକ ସୁନ୍ଦର ସମନ୍ୱୟର ପ୍ରତୀକ। ଯେପରି ପ୍ରକୃତି ନୂତନ ପତ୍ର ଓ ଫୁଲରେ ରଙ୍ଗିତ ହୋଇଥାଏ, ସେପରି ମାନବ ହୃଦୟ ମଧ୍ୟ ପ୍ରେମ ଓ ଆଶାରେ ରଙ୍ଗିତ ହେବା ଉଚିତ। ଶେଷରେ, ହୋଲି କେବଳ ଏକ ଉତ୍ସବ ନୁହେଁ; ଏହା ଏକ ଜୀବନ ଦର୍ଶନ। ଶ୍ରୀକୃଷ୍ଣଙ୍କ ରଙ୍ଗଲୀଳା ଆମକୁ ଶିଖାଏ ଯେ ପ୍ରେମ ହେଉଛି ସର୍ବୋଚ୍ଚ ଶକ୍ତି। ଯେଉଁଠାରେ ପ୍ରେମ ଅଛି, ସେଠାରେ ଭେଦ ନାହିଁ; ଯେଉଁଠାରେ ଭେଦ ନାହିଁ, ସେଠାରେ ଶାନ୍ତି ଅଛି। ଏହି ଦିବ୍ୟ ସନ୍ଦେଶ ଯୁଗେ ଯୁଗେ ମାନବ ସମାଜକୁ ଆଲୋକିତ କରୁଛି ଓ ଆଗାମୀ କାଳରେ ମଧ୍ୟ ଏହାର ପ୍ରଭା ଏଭଳି ଜଗମଗ ହୋଇ ରହିବ। ହୋଲି ଆମକୁ ଆହ୍ୱାନ କରେ ଆସ, ଆମେ ସମସ୍ତେ ରଙ୍ଗରେ ନୁହେଁ, ପ୍ରେମରେ ରଙ୍ଗାୟିତ ହେବା।

# ଐତିହ୍ୟର ପର୍ବ - ହରିରାଜପୁର ସୁପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ

ଲଳିତ କୁମାର ମହାରଣା
ଜଟଣୀ
ମୋ-୯୪୩୯୭୨୪୫୮୧

ଆମ ରାଜ୍ୟର ଦୋଳ ମେଳଣ ଇତିହାସ ପୃଷ୍ଠାରେ ହରିରାଜପୁର ପଞ୍ଚୁଦୋଳର ସ୍ଥାନ ସ୍ୱତନ୍ତ୍ର। ଏହି ମେଳଣ ବସନ୍ତର ଆଗମନ ଶୋଭାରେ ମଣ୍ଡିତ ହୁଏ। ଧରଣୀରାଣୀ କୋଇଲିର ସୁମଧୁର କଣ୍ଠସ୍ୱର, ଆମ୍ରବୃକ୍ଷ ବଉଳ ସହିତ ଚଢ଼ାଫିଟା ଆମ୍ବକଷି, ଦକ୍ଷିଣ ଦିଗରୁ ସୁଲୁସୁଲିଆ ପବନ ମୋହିନିଏ ମନୁଷ୍ୟଠାରୁ ପଶୁପକ୍ଷୀଙ୍କ ମନ। ହେଲେ ଏବେ ସୌନ୍ଦର୍ଯ୍ୟକୁ ନଷ୍ଟକରି କେବେବି ବସନ୍ତର ଆଗମନକୁ କେହିବି ସ୍ପର୍ଶ କରିପାରୁନଥିବା ମନେହୁଏ। କିନ୍ତୁ ସେହି ପୁରୁଣା ଯୁଗର ଫଗୁଣର ସେହି ଫଗୁଖେଳ ତଥା ଓଡ଼ିଆଙ୍କର ସାର୍ବଜନୀନ ଐତିହ୍ୟର ପରମ୍ପରା ଦୋଳ ମେଳଣ ଆଜିବି ଅବ୍ୟାହତ ରହିଛି । ଫଗୁଦଶମୀ ଠାରୁ ରାଧାକୃଷ୍ଣ, ହରପାର୍ବତୀ ଚାଚେରୀ ଭୋଗ ଖାଇବା ପାଇଁ ବାହାରି ପଡ଼ନ୍ତି, ଗାଁ ଦାଣ୍ଡକୁ। କେତେକ ଜାଗାରେ ଆୟୋଜିତ ହେଉଥିବା ବେଳେ ଅନେକ ଶୈବପୀଠଗୁଡ଼ିକରେ ତ୍ରିଦୋଳ, ପଞ୍ଚୁଦୋଳ ଓ ଦଶଦୋଳ ମେଳନର ଅନୁଷ୍ଠିତ ହେଉଥିବା ନଜରକୁ ଆସେ । ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ପଞ୍ଚୁଦୋଳ ଉତ୍ସବ ତଥା ମେଳଣ ଅନୁଷ୍ଠିତ ହୋଇଥାଏ। ଏହି ମେଳଣର ମୁଖ୍ୟ ଆକର୍ଷଣ ହେଉଛି ଠାକୁରଙ୍କ ଜମିଲା ରାତିର ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ । ଏହି ଆତସବାଜି ପ୍ରଦର୍ଶନୀର ଏକ ସ୍ୱାତନ୍ତ୍ର୍ୟ ହେଉଛନ୍ତି ପଶ୍ଚିମାଶମ୍ଭୁ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ନିକଟରେ ମାନସିକ ରଖିଥିବା ଭକ୍ତମାନଙ୍କ ପକ୍ଷରୁ ବାଣଫୁଟା। ଏହି ପରମ୍ପରା ଓଡ଼ିଶାର ଅନ୍ୟ କେଉଁଠି ଦେଖିବାକୁ ମିଳିନଥାଏ। ଏହି ମେଳଣ ଜଟଣୀ ନିକଟସ୍ଥ ଡେଲାଙ୍ଗ ଥାନା ଅନ୍ତର୍ଗତ ପୁରୀ ଜିଲ୍ଲା ଅଧୀନ ହରିରାଜପୁରରେ ରହିଛନ୍ତି ପଶ୍ଚିମାଶମ୍ଭୁ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ଶୈବପୀଠ ଠାକୁରଙ୍କ ପଞ୍ଚୁଦୋଳ ମେଳଣ, ଐତିହାସିକ ମେଳଣ ରୂପେ ସୁନାମ ରହିଛି। କିମ୍ବଦନ୍ତୀ ଅନୁଯାୟୀ ଗଜପତି ନରସିଂହ ଦେବଙ୍କର ରାଜତ୍ୱର ପ୍ରଥମ ୧୫ବର୍ଷ ସୁଖଶାନ୍ତିରେ କଟିଥିବାରୁ ୧୬୩୬ ଖ୍ରୀଷ୍ଟାବ୍ଦ ଚୈତ୍ରମାସ ଶୁକ୍ଳପକ୍ଷରେ ଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାଜ (ନୂତନ ରଥଯାତ୍ରା) ଅନୁଷ୍ଠିତ ହୋଇଥିଲା। ଏଥିସହିତ ଯୋଗାଯୋଗ ତଥା ଯାତାୟତର ସୁବିଧା ହେତୁ ମେଳଣ ଦିନ ଲକ୍ଷାଧିକ ଜନସମାଗମ ହୋଇଥାଏ। ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୀଠସ୍ଥଳୀ ଏବଂ ମେଳଣ ପଡ଼ିଆକୁ ଆସିବାକୁ ହେଲେ ଭୁବନେଶ୍ୱର (ରାଜଧାନୀ) ଠାରୁ ସୁନ୍ଦରପଦା(କପିଳପ୍ରସାଦ) ଦେଇ ୧୪ କି.ମି ହୋଇଥିବା ବେଳେ ପିପିଲି ଠାରୁ ଜଟଣୀ ରାସ୍ତାରେ ଆସିଲେ ୮ କି.ମି ଏବଂ ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେସନଠାରୁ ମାତ୍ର ୩ କିମି ରାସ୍ତା।

ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ଯାତ୍ରା ପଛରେ ଏକ ଲୋକକଥା ଶୁଣିବାକୁ ମିଳେ । ହରିରାଜପୁର ଗ୍ରାମର ଦୁଇଜଣ ବ୍ୟକ୍ତି ଶ୍ରୀ ଗୋବର୍ଦ୍ଧନ ଦାଶ ଓ ନିତେଇ ସାହୁ(ଖରୁଡ଼ା) ଗ୍ରାମକୁ ଫେରିବା ବାଟରେ ପଶ୍ଚିମାଶମ୍ଭୁ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ କରିବାକୁ ମନସ୍ଥ କଲେ। ଏହାର ଗୋଟିଏ ବର୍ଷ ପରେ ୧୬୩୭ ଖ୍ରୀଷ୍ଟାବ୍ଦ ଚୈତ୍ର କୃଷ୍ଣପକ୍ଷ ଦଶମୀ ତିଥିରେ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହୋଇଥିବା ଜଣାଯାଏ । ଏହି ଦୁଇ ବ୍ୟକ୍ତି ଟ ୧.୨୫ ପଇସାରେ ଆଟିକାମାନ କିଣି ଗ୍ରାମର ସମସ୍ତଙ୍କ ଘରେ ଗୋଟିଏ ଗୋଟିଏ କରି ଦେଇ ରୋଷେଇ ପୂର୍ବରୁ ଦୁଇଓଳି ଦୁଇମୁଠା ଚାଉଳ ରଖିବା ପାଇଁ ଅନୁରୋଧ କଲେ । ସେହି ସଂଗୃହୀତ ମୁଠିଚାଉଳକୁ ବିକ୍ରି କରି ଚତୁଃପାର୍ଶ୍ୱ ଗ୍ରାମର ଠାକୁର ବିମାନ ଯଥା:- ଭଁଅର ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର, ବୁଢ଼ାପଡ଼ା ଗ୍ରାମର ସୋମନାଥ ଦେବ, କୁଶୁମାଟି ଛଣଘର ଗଡିଶ୍ୱର ଦେବ,କନ୍ତିଆ ବାଲୁଙ୍କେଶ୍ୱର ଦେବ ଓ ନିଜେ ପ୍ରଭୁ ପଶ୍ଚିମାଶମ୍ଭୁ ଏହିପରି ପଞ୍ଚଶିବଙ୍କ ସହ ବାଳ ମୁକୁନ୍ଦ ଦେବ, ଦଧିବାମନ ଦେବ, କାକୁଡ଼ିଆର ଗୋପୀନାଥ ଦେବ, କୁଦିଆରୀର ପତିତପାବନ ଦେବଙ୍କୁ ନେଇ ଚୈତ୍ରମାସ କୃଷ୍ଣମାସ ପଞ୍ଚମୀର ଉକ୍ତ ମେଳଣଟି ଆରମ୍ଭ ହେଲା । ଏହି ମେଳଣ ଫାଲଗୁନ ପୂର୍ଣ୍ଣିମା ତଥା ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପରେ ଆରମ୍ଭ ହେଉଥିବାରୁ ଏହାକୁ ପଞ୍ଚୁଦାଳ ଯାତ୍ରା ତଥା ପଞ୍ଚୁଦୋଳ ମେଳଣ ବୋଲି ସମସ୍ତେ ନାମକରଣ କଲେ । ଏହି ଯାତ୍ରା ଆରମ୍ଭରେ ପ୍ରଥମେ ପଞ୍ଚଦେବତା ପରେ ନଅଦେବତାରୁ ଆରମ୍ଭ କରି ମେଳଣରେ ଏହେବ ୭୬ଟି ଗ୍ରାମର ଠାକୁର ବିମାନ ଆଖପାଖ ଗ୍ରାମରୁ ଆସି ୩୭୫ରୁ ଅଧିକ ବର୍ଷ ହେବ ନିରବଚ୍ଛିନ୍ନ ଭାବରେ ଯୋଗଦେଇ ଶୋଭାବର୍ଦ୍ଧନ କରିବା ସହିତ ଗ୍ରାମଗୁଡିକ ମଧ୍ୟରେ ଭାତୃତ୍ୱର ଭାବ ପ୍ରକାଶ କରିଆସୁଛନ୍ତି । ଏହି ପଞ୍ଚୁଦୋଳ ମେଳଣ ପଞ୍ଚମୀ ରାତ୍ରରୁ ଆରମ୍ଭ ହୋଇ ଅଷ୍ଟମୀ ଦିନ ଗୋଧୂଳି ସମୟରେ ଠାକୁରଙ୍କ ମେଳଣ ହୋଇଥାଏ। ଠାକୁରଙ୍କ ମେଳଣ ଶେଷ ପରେ ମଧ୍ୟ ମାସ ମାସ ଧରି ଏହି ମେଳଣ ପଡ଼ିଆରେ ଯାତ୍ରା ଲାଗି ରହିଥାଏ। ଏହି ମେଳଣରେ ଅନ୍ୟ ଏକ ବିଶେଷତ୍ୱ ହେଲା ଠାକୁରଙ୍କ ମେଳଣ ସମାପ୍ତ ପରେ ମେଳଣ ପଡ଼ିଆରେ ଦର୍ଶକଙ୍କ ଡାଲମା ପରଷା ଯିବ । ଦୋଳ ମେଳଣର କିଛି ନା କିଛି ବିଶେଷତ୍ୱ ଥାଏ । କିନ୍ତୁ ବାବା ପଶ୍ଚିମାଶମ୍ଭୁଙ୍କ ପୀଠର ବିଶେଷତ୍ୱ ବୋଧେ ଅନ୍ୟ କୌଣସି ଶୈବପୀଠରେ ନଥିବ। ଏହି ପୀଠର ଅନତି ଦୂର ତଥା ପଶ୍ଚିମ ଓ ପୂର୍ବରେ ଦୁଇଟି ଶ୍ମଶାନ ଏବଂ ମଝିରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଆସ୍ଥାନ। ଅନ୍ୟ ଏକ ବିଶେଷତ୍ୱ ତଥା ଲୋକକଥାରୁ ଜଣଯାଇଛି । ପ୍ରଭୁ ଭୋଳାନାଥ ପଞ୍ଚୁଦୋଳ ମେଳଣକୁ ବାହାରିବା ସମୟରେ ଶ୍ମଶାନ ଜୁଇରେ ଅଗ୍ନିଥିବା ବା କେହି ଦାହ ହେଉଥିବା ଜୁଇରେ ଅଗ୍ନି ନଦେଖିଲେ ପ୍ରଭୁ ଭୋଳାନାଥ ମନ୍ଦିରରୁ ମେଳଣ ପଡ଼ିଆକୁ ବାହାରନ୍ତି ନାହିଁ ବୋଲି ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଶୁଣିବାକୁ ମିଳେ। ଶ୍ରୀ ଶ୍ରୀ ସୋମନାଥ ଦେବ ମନ୍ଦିରରୁ ମେଳଣ ପଡ଼ିଆ ଅଭିମୁଖେ ବାହାରିବା ପରେ ଆରମ୍ଭ ହୁଏ ଆତସବାଜି ପ୍ରଦର୍ଶନ ଯୋଗୁଁ ଲକ୍ଷାଧିକ ଜନସମାଗମ ଭିତରେ ଠାକୁର ଏକ ସୁସଜ୍ଜିତ ଦୋଳ ବିମାନରେ ମେଳଣ ପଡ଼ିଆକୁ ଆସିବା ବାଟରେ ବାଳମୁକୁନ୍ଦ ଦେବଙ୍କୁ ସାଥିରେ ଆଣି ମେଳଣ ପଡ଼ିଆକୁ ଆସନ୍ତି । ଉକ୍ତ ସମୟରେ ବିଦ୍ୟୁତ୍ ଆଲୋକ ସଜ୍ଜା ସହିତ ବିଭିନ୍ନ ପ୍ରକାର କଳରଙ୍ଗ, ନାଗା,ବାଦ୍ୟ, ବିଚିତ୍ରା ଶୋଭାଯାତ୍ରାର ଲମ୍ବାଧାଡ଼ି ଲାଗିଥାଏ। ଏହି ମେଳଣର ମୁଖ୍ୟ ଆକର୍ଷଣ ଆତସବାଜି ପ୍ରତିଯୋଗିତା ଆରମ୍ଭ ହୁଏ ଠାକୁର ମେଳଣ ପଡ଼ିଆରେ ପହଞ୍ଚିବା ପରେ। ଓଡ଼ିଶା ଖ୍ୟାତନାମା ବାଣୁଆ ଓ ପରିବାଣୁଆ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାଆନ୍ତି । ଦୀର୍ଘ ୫.୬ ଘଣ୍ଟା ଅବିରତ ବିଭିନ୍ନ ରକମର ଭିନ୍ନ ଭିନ୍ନ ପ୍ରକାରର ଆତସବାଜି ଫୁଟିବା ସହିତ ନୂଆ ନୂଆ ଆଲୋକମାଳା ଦର୍ଶକ ଓ ଭକ୍ତମାନଙ୍କ ମନକୁ ବିମୋହିତ କରିଥାଏ ।

ପଞ୍ଚୁଦୋଳ ମେଳଣର ଥାନପତି ତଥା ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ମେଳଣ ପଡ଼ିଆରେ ପହଞ୍ଚିବା ପରେ ତାଙ୍କର ସେବକ ପୂଜାରୀ ପ୍ରସେସନ କାର୍ଯ୍ୟକ୍ରମ ସହ ଭଁଅର ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କୁ ଫୁଲଚନ୍ଦନ ଦେଇ ନିମନ୍ତ୍ରଣ କରିଥାନ୍ତି । ସେହି ଅନୁସାରେ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିବା ପରେ ପ୍ରଥମେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଖୁଣ୍ଟି ଲାଗି ହେବା ପରେ ଅନ୍ୟାନ୍ୟ ଠାକୁର ଖୁଣ୍ଟିଲାଗି ହୋଇଥାଆନ୍ତି । ମେଳଣ ଆରମ୍ଭ ଓ ଶେଷ ମଝିରେ ଠାକୁର ୩ ଦିନ ମେଳଣ ପଡ଼ିଆରେ ରହିବା ପରେ ୫ମ ଦିନ ଅର୍ଥାତ୍ ନବମୀ ଦିନ ଗୋଧୂଳି ଲଗ୍ନରେ ମେଳଣ ହୋଇଥାଏ । ଲକ୍ଷ ଲକ୍ଷ ଭକ୍ତ ଠାକୁରଙ୍କୁ ଅବର (ଫଗୁ) ପକାଇ ମାନସିକ ଶାନ୍ତି ଅନୁଭବ କରିଥାଆନ୍ତି । ସେହି ସମୟରେ ଉକ୍ତ ସ୍ଥାନଟି ହରିବୋଲ, ହୁଳହୁଳି, ଶଙ୍ଖ, ତୁରୀ, ମୃଦଙ୍ଗ, ଘଣ୍ଟ ଏବଂ ଘଣ୍ଟି ନାଦରେ ଉକ୍ତ ସ୍ଥାନଟି ମୁଖରିତ ହୋଇଉଠେ । ଭକ୍ତ ଭଗବାନଙ୍କ ମିଳନର ଉତ୍ସବ ନିତ୍ୟାନନ୍ଦମୟ ସେହି ଦୃଶ୍ୟ ଯାହା ନୟନରେ ନଦେଖିଲେ ଅନୁମେୟ ହୁଏନାହିଁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇଯାଇଥାନ୍ତି। ଏହି ସର୍ବଜନୀନ ଉତ୍ସବରେ ନଥାଏ କିଛି ବାଛ ବିଚାର । ଏଠାରେ ଯୋଗ ଦେଇଥିବା ସମସ୍ତ ଠାକୁର ରତ୍ନବେଦୀ ଚତୁଃପାର୍ଶ୍ୱରେ ବୁଲି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କୁ ଭେଟ ହୋଇ ନିଜ ନିଜ ଗ୍ରାମକୁ ଫେରିଥାନ୍ତି । ସୋମନାଥ ଦେବ ଓ ବାଳମୁକୁନ୍ଦ ଦେବଙ୍କ ସହ ପଞ୍ଚଶିବ ରତ୍ନବେଦୀରେ ପୂଜାର୍ଚ୍ଚନା ପରେ ଅଧରପଣ ଲାଗି ହୋଇଥାଏ । ଓଡ଼ିଶାର ବିଭିନ୍ନ ପଥ ପ୍ରାନ୍ତର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଯାତ୍ରା ଲୁପ୍ତ ହୋଇ ଆସୁଥିବେ ବେଳେ ଶହ ଶହ ବର୍ଷଧରି ଏହି ଯାତ୍ରା ବା ମେଳଣ ନିରବଚ୍ଛିନ୍ନ ଭାବରେ ଚାଲୁଥିବାରୁ ଲୋକ ଓ ଭକ୍ତମାନଙ୍କର ଠାକୁରଙ୍କ ପ୍ରତି ଭକ୍ତିଭାବର ସ୍ପଷ୍ଟ ପ୍ରମାଣ ମିଳେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ମାର୍ଚ୍ଚ ୨୦୨୬ ସୋମବାର





### ଜଗତସିଂହପୁରରେ 'ମେରି ପଲିସି ମେରେ ହାଥ୍' କାର୍ଯ୍ୟକ୍ରମ ଶୁଭାରମ୍ଭ

# ୨୩ ଚାଷୀଙ୍କୁ ରବି ଫସଲ ବୀମା ପତ୍ର ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ଅନ୍ତର୍ଗତ 'ମେରି ପଲିସି ମେରେ ହାଥ୍' ଅଭିଯାନର ରବି ଋତୁ ୨୦୨୫-୨୬ ପାଇଁ ପଲିସି ବଣ୍ଟନ କାର୍ଯ୍ୟକ୍ରମ ତରଡ଼ପଦା ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (CDAO) କୁଳମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ଫସଲ ବୀମାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତରଡ଼ପଦା ସରପଞ୍ଚ ଦୀପକ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାଷୀମାନଙ୍କୁ ସଚେତନ କରିଥିଲେ। ଇଣ୍ଡସଇଣ୍ଡ ଜେନେରାଲ୍ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଚାଳକ ପ୍ରମୋଦ କୁମାର ନାୟକ ଏବଂ ବ୍ଲକ ସମନ୍ୱୟକ ପ୍ରସନ୍ନ କୁମାର ବାରିକ ପରିଚାଳନା କରିଥିଲେ। ଏଥିସହ ବିରିଡି ବି.ସି. ସୁବାଷ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅଞ୍ଚଳର ୨୩ ଜଣ ଚାଷୀଙ୍କୁ ସେମାନଙ୍କର ରବି ଫସଲ ବୀମା ପଲିସି କପି ପ୍ରଦାନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ ସହାୟତା ଯୋଗାଇଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନ ବିକ୍ରି ପରେ ବି ଚାଷୀର ପିଛା ଛାଡୁନି ମଣ୍ଡି ସମସ୍ୟା

## ଧାନ ଦେଇ ମାସେ ପୂରିଲା କିନ୍ତୁ ମିଳିଲାନି ପଇସା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକରେ ମଣ୍ଡି ଅବ୍ୟବସ୍ଥା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ମଣ୍ଡିରେ ଧାନ ଉଠାଣରେ ବିଳମ୍ବ, ଟୋକନ୍ ସମସ୍ୟା ଏବଂ ଖୋଲା ଆକାଶ ତଳେ ବର୍ଷାରେ ଭିଜି ହଜାର ହଜାର କ୍ୱିଣ୍ଟାଲ୍ ଧାନ ପଡ଼ିରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ସହ ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପରେ ମଧ୍ୟ ଚାଷୀମାନେ ପଇସା ପାଇବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଷ୍ଟକରି ଫସଲ ଅମଳ କରିବା ପରେ ମଧ୍ୟ ମଣ୍ଡିର ଅବ୍ୟବସ୍ଥା ଯୋଗୁ ଚାଷୀ କେବେ ନିଜ ଧାନ ବିକ୍ରି କରିପାରୁନାହାନ୍ତି ତ କେବେ ବିକ୍ରି ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି । ଧାନ ବିକ୍ରି କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଇସା ମିଳିବାର ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ସୂଚନା ମୁତାବକ, କାଲିମେଲା ବ୍ଲକ ଭୁବନପଲ୍ଲି ପଞ୍ଚାୟତର ଚାଷୀ ପ୍ରତାପ ବରାଲ ସମେତ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଚାଷୀ ମାନଙ୍କ ଧାନ ବିକ୍ରି କରି ମାସେ ପୁରିଗଲା ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି । ମଣ୍ଡିରେ ଧାନ ବିକ୍ରି କରିବାର ଅନେକ ଦିନ ପରେ ମଧ୍ୟ ଚାଷୀମାନେ ତାଙ୍କ ପ୍ରାପ୍ୟ ଟଙ୍କା ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି । ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ସେପଟେ ବହୁ ଚାଷୀଙ୍କ ଧାନ ଉଠାଣ ନହେବାରୁ ଶତାଧିକ କୁଇଣ୍ଟାଲ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି । ଯାହା ବର୍ଷା ଆଶଙ୍କାରେ ନଷ୍ଟ ହେବାର ଭୟ ରହିଛି । ମଣ୍ଡିରେ ଧାନ ବିକି ଦୁଇ ପଇସା ରୋଜଗାର ଅପେକ୍ଷାରେ ଥିବା ଚାଷୀର ନିଦ ହଜାଇଛି ଟୋକନ୍ ଅବ୍ୟବସ୍ଥା । ଚାଷୀଙ୍କ ଜମିର ପରିମାଣ ଓ ମୌଜା ସଠିକ୍ ରହିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ଟୋକନ୍ ମିଳିନଥିବା ମଧ୍ୟ ଅଭିଯୋଗ ଆସିଛି । ସରକାର ଉତ୍ପାଦିତ ଧାନ ନକିଣିଲେ ଆମେ କାହାକୁ ଧାନ ବିକ୍ରି କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ପ୍ରଶାସନ ତୁରନ୍ତ ଚାଷୀଙ୍କ ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

# ମାଲମାଲ ସରକାରୀ ଯୋଜନା ସତ୍ତ୍ୱେ 'ବି ପ୍ଲଟ୍ ଗ୍ରାମବାସୀ' ମୌଳିକ ସୁବିଧାରୁ ବଞ୍ଚିତ

**କେନ୍ଦୁଝର, ନ୍ୟୁଜ୍**





ଖଣି ବହୁଳ ଅଞ୍ଚଳ ବି ପ୍ଲଟ୍ ଗ୍ରାମ ନିକଟରେ ଖଣି ଗୁଡିକ କାର୍ଯ୍ୟକ୍ଷମ ଥିବା ବେଳେ ଉକ୍ତ ବି ପ୍ଲଟ୍ ଗ୍ରାମର ବିକାଶ ଉପରେ ସାମାନ୍ୟତମ ଦୃଷ୍ଟି ଦେଉନଥିବାରୁ ଗ୍ରାମବାସୀ ବର୍ଷ ବର୍ଷ ଧରି ସେମାନଙ୍କର ମୌଳିକ ସୁବିଧା ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ୍ ସେବା, ରାସ୍ତା, ଶିକ୍ଷା ପ୍ରଭୃତି ବଞ୍ଚିତ ହୋଇ ନାହିଁନଥିବା ଦୁର୍ଦ୍ଦଶାରେ ଜୀବନ ବିତାଉ ଥିବାର ଉକ୍ତ ଅଞ୍ଚଳର ଅଧିବାସୀ ପଙ୍କଜ କୁମାର ବାରିକ ଅଭିଯୋଗ କରିଛନ୍ତି । ମିଳିଥିବା ଅଭିଯୋଗରୁ ପ୍ରକାଶ ଯେ, ଯୋଡ଼ା ବ୍ଲକ ଅନ୍ତର୍ଗତ ବଳଦା ପଞ୍ଚାୟତର ବି ପ୍ଲଟ୍ ଗ୍ରାମରେ ୫୦୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ନିକଟରେ ଓଏମ୍‌ସି ଉଚ୍ଚବାଲି, ଇନ୍ଦ୍ରାଣୀ ପଟ୍ଟନାଏକ, ସିରାଜୁଧୀନ ଭଳି ଖଣି କାର୍ଯ୍ୟକ୍ଷମ ଥିବା ବେଳେ ଉକ୍ତ ଖଣିରେ ଦୈନିକ ସହ ସହ ଭାରି ଯାନ ଉକ୍ତ ଗ୍ରାମ ନିକଟସ୍ଥ ରାସ୍ତାରେ ପରିବହନ କରି ରାସ୍ତାର ଅବସ୍ଥା ଅତି ଶୋଚନୀୟ କରୁଥିଲେ ହେଁ ରାସ୍ତା ମରାମତି, ଜଳ ସିଞ୍ଚନ, ପ୍ରଦୂଷଣକୁ ପ୍ରତିହତ ଭଳି ପଦକ୍ଷେପ ଗ୍ରହଣ କରୁନାହାନ୍ତି, ଯାହାଫଳରେ ଉକ୍ତ ଅଞ୍ଚଳ ପ୍ରଦୂଷଣମୟ ହୋଇ ଲୋକମାନଙ୍କର ସ୍ୱାସ୍ଥ୍ୟ ବିପଦପୂର୍ଣ୍ଣ ହୋଇପଡୁଛି । ସେହିଭଳି ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ରହିଥିବାବେଳେ ଉକ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟ ମଧ୍ୟ ପାନୀୟ ଜଳର ସୁବ୍ୟବସ୍ଥା ନଥିବାରୁ ବିଦ୍ୟାଳୟରେ ପଢୁଥିବା ପିଲାମାନେ ପାନୀୟ ଜଳକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଥିବାର ଉକ୍ତ ଅଞ୍ଚଳର ଅଧିବାସୀ ପଙ୍କଜ କୁମାର ବାରିକ ଅଭିଯୋଗ କରିଛନ୍ତି । ଖଣି ନିକଟସ୍ଥ ଅଞ୍ଚଳ ଗୁଡିକର ବିକାଶ ଖଣି କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଥିବାବେଳେ ଖଣିକର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳର ବିକାଶ ପ୍ରତି ଆଖି ବୁଜିଦେଇଥିବାର ଜଣାପଡିଛି । ଯାହାକି ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ଜାତୀୟ ପତାକାର ବ୍ୟବହାର ଓ ଉତ୍ତୋଳନ ପାଇଁ କେନ୍ଦ୍ରଗୃହ ବିଭାଗର ନିର୍ଦ୍ଦେଶନାମା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଗୃହ ବିଭାଗ ଜାତୀୟ ପତାକା ବ୍ୟବହାର ଓ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଭାରତୀୟ ଜାତୀୟ ପତାକା ଆମ ଭାରତୀୟଙ୍କର ଆଶା ଓ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରିବା ସହ ଏହା ଆମ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ଗାଥା ବହନ କରେ । "ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ୍ ୧୯୭୧" ଏବଂ ଭାରତୀୟ ଜାତୀୟ ପତାକା ସଂହିତା, ୨୦୦୨ (୨୦୨୧ ଓ ୨୦୨୨ରେ ସଂଶୋଧିତ)ରେ ଜାତୀୟ ପତାକା ବ୍ୟବହାର/ଉତ୍ତୋଳନ/ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି । ସଂଶୋଧିତ ଆଇନ୍ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ, ସାଂସ୍କୃତିକ ଓ କ୍ରୀଡା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ତିଆରି ଜାତୀୟ ପତାକା ଉଡାଇପାରିବେ । କାର୍ଯ୍ୟକ୍ରମ ପରେ କାଗଜରେ ତିଆରି ସେହି ଜାତୀୟ ପତାକାକୁ ଫୋପାଡ଼ି ଦିଆଯିବନାହିଁ କି ଭୂମିରେ ଫିଙ୍ଗାଯିବ ନାହିଁ । ଯେଉଁଠାରେ ପତାକା ଖୋଲା ସ୍ଥାନରେ କିମ୍ବା ସାଧାରଣ ନାଗରିକଙ୍କ ଘରେ ପ୍ରଦର୍ଶିତ ହୁଏ, ସେଠାରେ ଏହାକୁ ଦିନ ଓ ରାତି ଉଡ଼ାଯାଇପାରିବ, ଜାତୀୟ ପତାକା ଆୟତାକାର ଆକୃତିର ହେବ, ପତାକାର ଆକାର ଯେକୌଣସି ହୋଇପାରେ, କିନ୍ତୁ ଲମ୍ବ ଓ ପ୍ରସ୍ଥର ଅନୁପାତ ୩:୨ ହେବା ଆବଶ୍ୟକ, ଯେତେବେଳେ ଜାତୀୟ ପତାକା ପ୍ରଦର୍ଶିତ ହୁଏ, ସେତେବେଳେ ଏହାକୁ ସମ୍ମାନର ସହ ସ୍ପଷ୍ଟ ଭାବରେ ସ୍ଥାପିତ କରାଯିବ । କ୍ଷତିଗ୍ରସ୍ତ କିମ୍ବା ଅବ୍ୟବସ୍ଥିତ ପତାକା ପ୍ରଦର୍ଶନ କରାଯିବ ନାହିଁ, ଜାତୀୟ ପତକାକୁ ମସ୍ତୁଳ (masthead) ଅନ୍ୟ କୌଣସି ପତାକା ସହିତ ଏକାସାଥିରେ ଉଡ଼ାଯିବ ନାହିଁ, ଜାତୀୟ ପତାକା ଠାରୁ ଉପରେ ବା ତାହାର ସମାନ ଉଚ୍ଚତାରେ କିମ୍ବା ପାଖାପାଖି ଅନ୍ୟ କୌଣସି ପତାକା କିମ୍ବା ବଣ୍ଟିଙ୍ଗ ସ୍ଥାପିତ କରାଯିବନାହିଁ । ଏହି ସମ୍ବନ୍ଧୀୟ ସୂଚନା ପାଇଁ ଗୃହ ମନ୍ତ୍ରାଳୟର ୱେବ୍‌ସାଇଟ୍ www.mha.gov.in ରେ ଉପଲବ୍ଧ ଅଛି । ଜାତୀୟ ପତାକା ପ୍ରତି ସାର୍ବଜନୀନ ଶ୍ରଦ୍ଧା, ସମ୍ମାନ ଓ ଆନୁଗତ୍ୟ ରହିବା ଉଚିତ୍ । ଜାତୀୟ ପତାକା ପ୍ରଦର୍ଶନ ସମୟରେ ଜନସାଧାରଣ ଏବଂ ସରକାରଙ୍କ ସଂଗଠନ/ଏଜେନ୍ସିମାନଙ୍କ ମଧ୍ୟରେ ସଚେତନତାର ସ୍ପଷ୍ଟ ଅଭାବ ପ୍ରାୟତଃ ପରିଲକ୍ଷିତ ହେଉଥିବାରୁ ଭାରତୀୟ ଜାତୀୟ ପତାକା ସଂହିତାର ଯଥାର୍ଥ ଅନୁପାଳନ ନିମନ୍ତେ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଏଥିପ୍ରତି ପ୍ରତ୍ୟେକ ଭାରତୀୟ ଯତ୍ନଶୀଳ ହେବା ଆବଶ୍ୟକତା ରହିଛି ।

## ପୌରପରିଷଦର ଅବହେଳାରୁ ବଢୁଛି ମଶାଙ୍କ ଉପଦ୍ରବ

# ମଶାତେଲ, ମଶାଧୂଆଁ ଗାଡି ଆଉ ଦେଖିବାକୁ ମିଳୁନି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପୌରାଞ୍ଚଳରେ ମଶାଙ୍କ ବଂଶ ବୃଦ୍ଧି ଚିନ୍ତାର କାରଣ ପାଲଟିଛି । ଏମାନଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି । ପୌର କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନଥିବାରୁ ମଶା ସହରବାସୀଙ୍କୁ ଅଥୟ କରିଦେଲେଣି । ଏହାର ନିରାକରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳୁଛି । ସଚେତନତା ନେଇ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ସୋନପୁର ପୌରପରିଷଦ ଅଧୀନ ବିଭିନ୍ନ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରାଯାଉନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ମଶାଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ କରିପକାଇଲାଣି । ଏନେଇ ଅଭିଯୋଗ କଲେ କେବଳ ପ୍ରତିଶ୍ରୁତି ମିଳୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । ସହରର ଡ୍ରେନ୍‌ରେ ଦୋକାନୀଙ୍କ ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ଜଳ ନିଷ୍କାସନରେ ବାଧକ ସାଜି ଜମି ରହୁଛି । ଅଧିକାଂଶ ସ୍ଥାନରେ ପାଇପ୍ ଜଳ ଓ ଡ୍ରେନ୍ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଢେଉ ଭାଙ୍ଗୁଛି । ଦୀର୍ଘଦିନ ଧରି ପାଣି ନିଷ୍କାସନ ନହୋଇ ଜମି ରହିବାରୁ ମଶା, ମାଛି ସହ ବିଭିନ୍ନ ଜୀବାଣୁଙ୍କ ଉତ୍ପତିସ୍ଥଳ ପାଲଟିଛି । ଏମାନଙ୍କ ବଂଶ ବୃଦ୍ଧି ରୋକିବାରେ ପୌରପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରାନଯିବାରୁ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଉଛି । ସୋନପୁର ସହରରେ ଥିବା ନାଳ ନର୍ଦ୍ଦମାକୁ ଠିକ୍ ଭାବେ ସଫେଇ କରାଯାଉନାହିଁ । ଏପରିକି ସେଥିରେ ମଶା ତେଲ ସିଞ୍ଚନ ହେଉନାହିଁ । ପୌରପାଳିକାର ସମସ୍ତ ୱାର୍ଡରେ ନିୟମିତ ଭାବେ ମଶା ଧୂଆଁ ଗାଡ଼ି ଦେଖିବାକୁ ମିଳୁନି । ଆଗାମୀ ଦିନରେ ସହରରେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ରହୁଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି ।

# ଜୀବିତଙ୍କୁ ମୃତ ଘୋଷଣା କରି ବୃଦ୍ଧାଙ୍କ ଭତ୍ତା ବନ୍ଦ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବାଦି ଗ୍ରାମପଞ୍ଚାୟତର ବୃଦ୍ଧା ଚନ୍ଦ୍ରା ପଟେଲ। ସ୍ୱାମୀ ମରିବା ପରେ କୋଡ଼ିଏ ବର୍ଷ ହେବ ଭତ୍ତା ପାଇଆସୁଥିଲେ। ତାଙ୍କୁ ବର୍ଦ୍ଧିତ ଭତ୍ତା ଏକ ହଜାର ଟଙ୍କା ମିଳି ଆସୁଥିଲା। ଏହା ସେ ଆକାଉଣ୍ଟରେ ପାଉଥିଲେ। କିନ୍ତୁ ଗତବର୍ଷ ମଇ ମାସରୁ ଭତ୍ତା ମିଳିବା ବନ୍ଦ ହୋଇଗଲା। ସେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଜଣାପଡିଲା ତାଙ୍କୁ ମୃତ ଘୋଷିତ କରାଯାଇଥିବାରୁ ଭତ୍ତା ବନ୍ଦ କରାଯାଇଛି। ସେ ଏନେଇ ଖଡ଼ିଆଳ ବିଡ଼ିଓ ଓ ନୂଆପଡ଼ା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରିନି। ଚନ୍ଦ୍ରାଙ୍କ ଦେହ ସବୁବେଳେ ଅସୁସ୍ଥ ରହୁଥିବା ବେଳେ ଭତ୍ତା ଟଙ୍କାରେ ଔଷଧ କିଣି ଖାଉଥିଲେ। ଏବେ ଗୋଡ ହାତ ସହ ଅଣ୍ଟା ଦରଜ ହେଉଛି। ପରିବାର ଲୋକଙ୍କ ବିନା ସାହାରାରେ ସେ ଉଠି ବସି ପାରୁନାହାନ୍ତି। ଅସୁସ୍ଥ ରହୁଥିଲେ ମଧ୍ୟ ଟଙ୍କା ଅଭାବରୁ ଔଷଧ କିଣିପାରୁନଥିବା କହିଛନ୍ତି। ତାଙ୍କୁ ଶୀଘ୍ର ଭତ୍ତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଜଣାଇଛନ୍ତି ସେ କିନ୍ତୁ କର୍ଣ୍ଣପାତ କରୁନାହାନ୍ତି। ଚାରି ମାସ ତଳେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କ ଘରକୁ ଆସି ଆବଶ୍ୟକୀୟ ତଦନ୍ତ ସହ କାଗଜପତ୍ର ଦେଖିଥିଲେ ଓ ଖୁବ୍ ଶୀଘ୍ର ପୁନଶ୍ଚ ଭତ୍ତା ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏପର୍ଯ୍ୟନ୍ତ ପ୍ରତିଶ୍ରୁତି ପାଳନ ହୋଇନାହିଁ। ଏନେଇ ଖଡ଼ିଆଳ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ତତ୍କାଳୀନ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ମୃତ୍ୟୁବରଣ କରିଥିବା ନେଇ ରିପୋର୍ଟ ଦେଲାପରେ ଭତ୍ତା ବନ୍ଦ କରି ଦିଆଯାଇଥିଲା। ଏବେ ପୁଣି ଥରେ ଚାଲୁ କରିବା ପାଇଁ କାର୍ଯ୍ୟ ଚାଲିଛି। ତାଙ୍କର ସବୁ ବକେୟା ସହ ନିୟମିତ ଭତ୍ତା ଗୋଟିଏ ମାସ ଭିତରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଗ୍ରାମାଞ୍ଚଳରେ ବଢୁଛି ନିଶା କାରବାର:ଶିକ୍ଷାନୁଷ୍ଠାନ ପାଲଟିଛି ମଦ୍ୟପଙ୍କ ଆସର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ନିଶାପାଣିକୁ ସର୍ବସମ୍ମୁଖରେ ସମସ୍ତେ ଘୃଣା କରିବା ସହ ନିଶା ଠାରୁ ଦୂରେଇ ରହିବା ପାଇଁ ଅନ୍ୟକୁ ପ୍ରାୟ ସମସ୍ତେ ପରାମର୍ଶ ଦେବା, ଏକ ସାଧାରଣ ଘଟଣା । ଅବଶ୍ୟ ବେଳେ ବେଳେ ସରକାର ବି ସମୟ ସୁଯୋଗ ଦେଖି ନିଶା ଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇଥାନ୍ତି । ହେଲେ ମଦ, ଗଞ୍ଜେଇ, ଅଫିମ ଭଳି ନିଶା ସହ ବିଭିନ୍ନ କଫ୍ ସିରପ୍ ଏବେ ନିଶାଡିଙ୍କ ଆକର୍ଷଣ ପାଲଟିଛି । ସମାଜରେ ନିଶା କାରବାର ଉପରେ ଅବକାରୀ ବିଭାଗ ଅଙ୍କୁଶ ଲଗାଇବା ପରିବର୍ତ୍ତେ ପ୍ରତ୍ୟକ୍ଷ ପରୋକ୍ଷରେ ସହଯୋଗ କରୁଥିବାରୁ ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଗୁଡିକରେ ଦ୍ରୁତଗତିରେ ନିଶା କାରବାର ବଢ଼ିବାରେ ଲାଗିଛି । ସମ୍ବଲପୁର ଜିଲ୍ଲାରେ ଅବକାରୀ ବିଭାଗର ସ୍ଥାଣୁତା ଯୋଗୁଁ ଜିଲ୍ଲା ପୋଲିସ ପ୍ରଶାସନ ଦୁଇପାଦ ଆଗକୁ ଯାଇ ବେଆଇନ୍ ନିଶା କାରବାର ଉପରେ ଧରପଗଡ କରି ବେଶ୍ ସୁଫଳ ହାତେଇଛି । ମାତ୍ର ଗ୍ରାମାଞ୍ଚଳ ଗୁଡିକରେ ଆଶାତୀତ ଭାବେ ମଦ୍ୟପଙ୍କ ସଂଖ୍ୟା ବଢ଼ି ଚାଲିବା ସମ୍ପ୍ରତି ସାମାଜିକ ସୁସ୍ଥ ପରମ୍ପରା ପ୍ରତି ପ୍ରତିବନ୍ଧକ ସାଜିବାରେ ଲାଗିଛି । ସଦ୍ୟତମ ଅଭିଯୋଗ ଅନୁଯାୟୀ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ମହଲରେ ଭିନ୍ନ ଏକ ପରିଚୟ ପାଇବାକୁ ଯାଉଛି । ସଞ୍ଜ ନଇଁଲେ ଏହି ସ୍କୁଲକୁ ନିୟମିତ କିଛି ନିରୋଳା ମଦୁଆ ଅଡ୍ଡାସ୍ଥଳୀ ବନାଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆସର ସରିବା ପରେ ମଦ୍ୟପ ମାନେ ମାତାଲି ଅବସ୍ଥାରେ କେତେକ ଢଳି ଢଳି ଫେରୁଛନ୍ତି ତ ଆଉ କିଛି ଅଶାଳୀନ ଭାଷାରେ ଚିତ୍କାର କରୁଥିବା ଗାଁ ପରିବେଶକୁ କଳୁଷିତ କରାଉଛି । ସେହିପରି ମଦ ଆସର ସରିବା ପରେ କେତେବେଳେ ପ୍ଲାଷ୍ଟିକ୍ ପାଣି ବୋତଲ, ଗ୍ଲାସ୍ ଓ ଚାଖେଣା ବିକ୍ଷିପ୍ତ ଭାବେ ପଡିଥିବା ଦେଖାଯାଇଛି । ଗୋଟିଏ ଶିକ୍ଷାନୁଷ୍ଠାନ ଭିତରେ ଯଦି ନିୟମିତ ଏହିପରି ପରିବେଶ ରୁହେ ତେବେ ଅଧ୍ୟୟନ କରିବାକୁ ଆସୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ମୁଣ୍ଡରେ ଏହା କି ପ୍ରକାରର ମାନସିକ ଆଘାତ ଦେଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ସେହିପରି ଏହି ପରିବେଶ ନେଇ ଅଦ୍ୟାବଧି ସ୍କୁଲର କୌଣସି ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ବା କୌଣସି ଅଭିଭାବକଙ୍କ ମହଲରୁ ପ୍ରତିବାଦର ସ୍ୱର ଉତ୍ତୋଳନ ନହେବା ଅତ୍ୟନ୍ତ ପରିତାପର ବିଷୟ ବୋଲି କୁହାଯାଇପାରେ । ଅପରପକ୍ଷେ ହୋଇପାରେ ସଚେତନତାର ଅଭାବ ବା କାହା ପ୍ରତି ମାତ୍ରାଧିକ ଭୟଭାବ ଯୋଗୁଁ ସମସ୍ତେ ନୀରବଦ୍ରଷ୍ଟା ସାଜୁଛନ୍ତି ତାହା ତଦନ୍ତ ସାପେକ୍ଷ । ସ୍କୁଲ ଭିତରେ ଏଭଳି ଅନିୟମିତତାକୁ ନେଇ କିଛି ଛାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କିଛି ଛାତ୍ରଙ୍କ ଠାରୁ ଏଭଳି ପ୍ରତିକ୍ରିୟା ଜାଣିବା ପରେ କିଛି ଗଣମାଧ୍ୟମ ପ୍ରତିନିଧି ସତ୍ୟତା ଅନୁସନ୍ଧାନ କରିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍କୁଲ୍ ପ୍ରଧାନଶିକ୍ଷକ, ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନଜରକୁ ନେବାକୁ ବାଧ ହୋଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା ପ୍ରଶାସନ ଓ ବିଭାଗ ପକ୍ଷରୁ ସ୍କୁଲ ପରିସର ଓ ଛାତ୍ରଛାତ୍ରୀଙ୍କ ପାଇଁ କି ପ୍ରକାରର ସୁବ୍ୟବସ୍ଥା ହେଉଛି ।

# ପିଲାଙ୍କୁ ପୁସ୍ତକ ମନସ୍କ କରିବା ପାଇଁ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ବାଲେଶ୍ୱର: ମୋବାଇଲ ମନସ୍କ ଶିଶୁ କିଶୋର ମାନଙ୍କୁ ପୁସ୍ତକ ମନସ୍କ କରାଇବାର ଲକ୍ଷ୍ୟ ନେଇ ରାଜ୍ୟ ପରିକ୍ରମା କରୁଥିବା ତଥା ରାଜ୍ୟର ବିଭନ୍ନ ଜିଲ୍ଲାରେ ପାଠାଗାର କାର୍ଯ୍ୟକ୍ରମ ଜାରି ରଖିଥିବା ବରଗଡ଼ର 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ବାଲେଶ୍ୱର ଜିଲ୍ଲାର ସୋର ସ୍ଥିତ ଲିଙ୍ଗପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମର ଆୟୋଜନ କରିଛି । ଏହି ଅବସରରେ ଶିଶୁ ସାହିତ୍ୟ ଆଧାରିତ ଗପ, କବିତା, ଜୀବନୀ ପୁସ୍ତକ ସହିତ ରାଜ୍ୟର ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସବୁ ପତ୍ରିକା ପ୍ରଦର୍ଶନ କରାଯିବା ସହିତ ଏକ ପଠନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି ଓ ସହକାରୀ ଶିକ୍ଷୟିତ୍ରୀ ନମିତା ଶତପଥୀ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ପୁସ୍ତକ ପଠନର ଉପାଦେୟତା, ପୁସ୍ତକ କେମିତି ଚରିତ୍ର ଓ ବ୍ୟକ୍ତିତ୍ୱ ପରିବର୍ତ୍ତନରେ ସହାୟକ ହେବା ସହିତ ଜୀବନର ଲକ୍ଷ୍ୟ ହାସଲରେ ସହାୟକ ହୋଇଥାଏ ତାହା ମହାପୁରୁଷ ମାନଙ୍କ ଜୀବନୀରୁ ଉଦାହରଣ ଦେଇ ବୁଝାଇଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଲକ୍ଷ୍ମୀପ୍ରିୟା ବେହେରା, ବିଶ୍ୱଜିତ ରଣା, ବିଜୟିନୀ ରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିଶୁଶ୍ରୀ'ର ଆବାହକ ତଥା ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ସଂଯୋଜନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଏଲ୍ ନିନୋର ପ୍ରଭାବରେ ଗ୍ରୀଷ୍ମ ପ୍ରବାହ ଅତ୍ୟନ୍ତ ପ୍ରଖର ହେବ। ବିଭିନ୍ନ କାରଣରୁ ପ୍ରକୃତି ଓ ପରିବେଶରେ ଉପଲବ୍ଧ ହେଉଥିବା ଭୌଗୋଳିକ ପରିବର୍ତ୍ତନ ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏ ବର୍ଷ ଶୀତର ପ୍ରକୋପ ଯେପରି ଅଧିକ ଥିଲା, ଖରା ମଧ୍ୟ ସେହିପରି ଅତ୍ୟଧିକ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ୍, ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ ବୋଲି ସେ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚ୍‌ସି, ପିଏଚ୍‌ସିରେ ଅତ୍ୟାବଶ୍ୟକ ଫାଷ୍ଟଏଡ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପରିମାଣରେ ଓ ଆର୍‌ଏସ୍, ସାଲାଇନ୍ ମହଜୁଦ ରଖିବା ସହ ହିଟ୍ ଷ୍ଟ୍ରୋକ୍ ରୁମ୍ ରେଡ଼ି ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ୍ ୱାଟର୍ ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଆର୍‌ଡବ୍ଲୁଏସ୍‌ଏସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନଆସେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍, ପୌରାଞ୍ଚଳ, ବିଶେଷ କରି ବସ୍‌ଷ୍ଟାଣ୍ଡ, ହାଟ ବଜାର ଆଦି ଜାଗାରେ ଜଳଛତ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଜଳଛତ୍ର ମାନଙ୍କରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା ଓ ପରଷିବାକୁ ପରାମର୍ଶ ଦେଇଥିଲେ। ଖରାରେ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ନେବାକୁ ଜିଲ୍ଲା ଶ୍ରମଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହରେ ପାୱାର୍ ସପ୍ଲାଏ ବ୍ୟବସ୍ଥା ଠିକ୍ ଭାବେ ବୁଝିବାକୁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବୁଲାପ୍ରାଣୀ ମାନଙ୍କ ପାନୀୟ ଜଳ ବ୍ୟବସ୍ଥା ସହ ସମସ୍ତ ପ୍ରାଣୀ ଚିକିତ୍ସାଳୟରେ ପାୱାର ସପ୍ଲାଏ ଓ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନଗହଳି ସ୍ଥାନ ମାନଙ୍କରେ ବିଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କର୍ଯ୍ୟକରିବା, ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ମାନେ ଅନୁରୂପ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର୍.ଏସ୍ ପ୍ୟାକେଟ୍ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓ.ଆର୍.ଏସ୍, ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅଂଶୁଘାତ ଜନିତ ମୃତ୍ୟୁହେଲେ ତହସିଲଦାର ଓ ମେଡିକାଲ୍ ଅଫିସରଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ବୈଠକରେ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଆମ ବସ୍ ସେବା:ଗଞ୍ଜାମ ଜିଲ୍ଲାକୁ ୧୦୦ ପରିବର୍ତ୍ତେ ମିଳିଲା ୨୫ ବସ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏବେ ଗଡୁଛି କମଳା ରଙ୍ଗର ବ୍ୟାଟେରୀ ଚାଳିତ ଆମ ବସ୍ । ଲୋକଙ୍କ ଯାତାୟାତ ସୁବିଧା ପାଇଁ ୧୦୦ଟି ଆମ ବସ୍ ଗଡ଼ାଇବାକୁ ସରକାର ଘୋଷଣା କରିଥିଲେ । ହେଲେ ଆସିଲା ମାତ୍ର ୨୫ଟି । ଯାହାକି କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗଡୁଛି । ପୁରା ସହରକୁ ଛୁଇଁପାରୁନି ଆମ ବସ୍ । ଫଳରେ ବସ୍ ସେବା ପାଉନଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ବର୍ତ୍ତମାନ ନୂଆ ବସ୍‌ଷ୍ଟାଣ୍ଡକୁ ହଳଦିଆପଦର ବସ୍ ଟର୍ମିନସ୍ ଓ ଫାଷ୍ଟଗେଟ୍‌କୁ ଘୁଞ୍ଚାଇବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି । ଏଭଳି ସ୍ଥିତିରେ ପର୍ଯ୍ୟାପ୍ତ ସଂଖ୍ୟାରେ ଆମ ବସ୍ ନଗଡ଼ିଲେ ଲୋକେ ସହରକୁ ଯିବା ଆସିବା କରିବେ କେମିତି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ହେଉଛି ବ୍ରହ୍ମପୁର ସହର । ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ଲାଗି ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରିକି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ମଧ୍ୟ ପ୍ରତିଦିନ ହଜାର ହଜାର ଲୋକ ବ୍ରହ୍ମପୁରକୁ ଯିବା ଆସିବା କରିଥାନ୍ତି । ପାଖାପାଖି ୩ ବର୍ଷ ତଳେ ବ୍ରହ୍ମପୁର ସହରରେ କ୍ରୁଟ୍ ପରିଚାଳନାରେ ଆରମ୍ଭ ହୋଇଥିଲା ମୋ ବସ୍ ସେବା । ବିଜେପି ସରକାର ଏହାକୁ ଆମ ବସ୍ ସେବାରେ ପରିବର୍ତ୍ତନ କରିଦେଲେ । କିନ୍ତୁ ଲୋକଙ୍କୁ ଆବଶ୍ୟକ ସେବା ଯୋଗାଇବାରେ ସେଭଳି କିଛି ଖାସ୍ ଉଦ୍ୟମ ହେଲାନାହିଁ । ପୂର୍ବରୁ ସହରରେ ଗଡୁଥିବା ସେହି ସମାନ ରୁଟ୍‌ରେ ଏବେବି ବସ୍ ଗଡୁଛି । ସହରର ଏକାଧିକ ଅଞ୍ଚଳକୁ ଏବେ ଆମ ବସ୍ ଗଡ଼ିପାରୁନାହିଁ । ପ୍ରତିଦିନ ହଜାର ହଜାର ଲୋକେ ଟ୍ରେନ୍‌ରେ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିଥାନ୍ତି । ୧ ନଂ ପ୍ଲାଟ୍‌ଫର୍ମ ପଟେ ଆମ ବସ୍ ଗଡୁଥିବା ବେଳେ ୪ ନମ୍ବର ପ୍ଲାଟ୍‌ଫର୍ମ ପଟେ ଆମ ବସ୍ ଯାଉନାହିଁ । ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ଫାଇଦା ନେଇ ଅଟୋ ଚାଳକ ମନଇଚ୍ଛା ଭଡ଼ା ଧାର୍ଯ୍ୟ କରୁଛନ୍ତି । ଯାହାକି ଲୋକଙ୍କୁ ଖୁବ୍ ବାଧୁଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ସହରରେ ବିଜେଡ଼ି ସରକାର ଆରମ୍ଭ କରିଥିଲା ମୋ ବସ୍ ସେବା । ପ୍ରଥମ ପର୍ଯ୍ୟାୟରେ ଆସିଥିବା ୨୦ଟି ବସ୍‌ରୁ ୧୯ଟି ବସ୍ କିଛି ରୁଟ୍‌ରେ ଗଡ଼ିଥିଲା । ସରକାର ବଦଳିବା ପରେ ନୂଆ ସରକାର ବ୍ରହ୍ମପୁର ସହରକୁ ପୁଣି ୧୦୦ଟି ଆମ ବସ୍ ଦେବା ଲାଗି ଘୋଷଣା କଲେ । ମାସକ ତଳେ ମାତ୍ର ୨୫ଟି ବସ୍ ଆସି ବିଭିନ୍ନ ରୁଟ୍‌ରେ ଗଡୁଛି । ଏଭଳି ସ୍ଥିତିରେ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ହେଲେ ଲୋକେ ସହରକୁ ଯିବା ଆସିବା କରିବେ କେମିତି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି । ଏହି ସମସ୍ୟା ସମ୍ପର୍କରେ କ୍ରୁଟ୍‌ର ଏମ୍‌ଡ଼ିଙ୍କ ସହିତ ଆଲୋଚନା ସରିଛି । ଯେଉଁ ରୁଟ୍‌ରେ ବସ୍ ଯାଉନି ସେହି ଅଞ୍ଚଳକୁ ବସ୍ ଯିବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିବା ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ସୂଚନା ଦେଇଛନ୍ତି ।





# ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ଅପରାହ୍ନରେ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ ଠାରେ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଥିବା ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବର୍ଣ୍ଣାଢ୍ୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସଞ୍ଜୟ କୁମାର ତାଙ୍କ ବକ୍ତବ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡିଶା ପୋଲିସର ଏକ ସୁନାମ ରହିଛି। ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ମୁଖ୍ୟ ଅତିଥି ଶ୍ରୀ ସଞ୍ଜୟ କୁମାର ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୋଲିସ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସମୁଦାୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର / ପିସ୍ତଲ ଓ କାର୍ବାଇନ / ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହ ଅବସରରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଇଫଲ ବିଭାଗରେ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି., ଭୁବନେଶ୍ୱରର ହାବିଲଦାର ମନୋରଞ୍ଜନ ମହାରଣା, ଦ୍ୱିତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି., ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ରଜତ ପଟ୍ଟନାୟକ, ତୃତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ପ୍ରଶିକ୍ଷଣ ପ୍ରତିଷ୍ଠାନର କନେଷ୍ଟବଳ ଦୀପକ କୁମାର ଡାକୁଆ ପୁରସ୍କୃତ ହୋଇଥିଲେ। ସେହିପରି ରାଇଫଲ ହାର୍ଡଲାଇନ୍ ଟ୍ରଫି ଏସଏସବିଏନ ହାଉଣ୍ଡସ ଟିମ ହାସଲ କରିଥିବା ବେଳେ ରାଇଫଲ ରନର୍ସ-ଅପ୍ ଟ୍ରଫି ଓଏସଏଏଫ ପାନ୍ଥର ଓ ରାଇଫଲ ଚାମ୍ପିୟନସିପ୍ ଟ୍ରଫି ଏସ.ଓ.ଜି., ଭୁବନେଶ୍ୱରର ଟିମ ହାସଲ କରିଥିଲେ। ୧୦୦ ୟାର୍ଡ୍ ରାଇଫଲ ଷ୍ଟାଣ୍ଡିଂ ପୋଜିସନ୍ ଟ୍ରଫି କନେଷ୍ଟବଳ ଦୀପକ କୁମାର ଡାକୁଆ, ୨୦୦ ୟାର୍ଡ୍ ରାଇଫଲ ଶୁଟିଂ (ଡିଜିପି ଟ୍ରଫି) ସ୍ୱପନ କୁମାର ସରକାର ଓ ୩୦୦ ୟାର୍ଡ୍ ରାଇଫଲ ଶୁଟିଂ (ଏଡିଜିପି-ଏସଏପି ଟ୍ରଫି) ହାବିଲଦାର ରଞ୍ଜିତ ଥାପା ହାସଲ କରିଥିଲେ। ୩୦୦ ୟାର୍ଡ୍ ସ୍ନାପ୍ ଶୁଟିଂ ପୁରସ୍କାର ଏସ.ଓ.ଜି., ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ରଜତ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ରିଭଲଭର / ପିସ୍ତଲ ବିଭାଗରେ ଶ୍ରେଷ୍ଠ ରିଭଲଭରମ୍ୟାନ୍ ଟ୍ରଫି ଏସ.ଓ.ଜି., ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ମାନସ ରଞ୍ଜନ ପଣ୍ଡା, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ରିଭଲଭରମ୍ୟାନ୍ ଟ୍ରଫି ଯଥାକ୍ରମେ କନେଷ୍ଟବଳ ଅଜିତ କୁମାର ସାହୁ ଓ ହାବିଲଦାର କ୍ଷୀରଧର ସାହୁ ହାସଲ କରିଥିଲେ। ରିଭଲଭର ହାର୍ଡଲାଇନ୍ ଟ୍ରଫି ଟ୍ରେନିଂ ଇନଷ୍ଟିଚ୍ୟୁଟ ଟିମ, ରନର୍ସ-ଅପ୍ ଟ୍ରଫି ଓଏସଏପି ପ୍ୟାନ୍ଥର ଓ ରିଭଲଭର ଚାମ୍ପିୟନସିପ୍ ଟ୍ରଫି ଏସ.ଓ.ଜି., ଭୁବନେଶ୍ୱର ହାସଲ କରିଥିଲେ। ୧୫, ୨୫, ୩୦ ଓ ୫୦ ୟାର୍ଡ୍ ପିସ୍ତଲ / ରିଭଲଭର ସୁଟିଂ ଟ୍ରଫି ଯଥାକ୍ରମେ ଆସିଷ୍ଟାଂଟ କମାଣ୍ଡାଂଟ ମାନସ ରଞ୍ଜନ ପଣ୍ଡା, ହାବିଲଦାର କ୍ଷୀରଧର ସାହୁ, ହାବିଲଦାର ତନ୍ମୟ କୁମାର ମନ୍ତ୍ରୀ ଓ କନେଷ୍ଟବଳ ଅଜିତ କୁମାର ସାହୁ ହାସଲ କରିଥିଲେ। ସେହିପରି ଷ୍ଟେନଗନ ବିଭାଗରେ, ଷ୍ଟେନ ଚାମ୍ପିୟନସିପ୍ ଟ୍ରଫି ଏସ.ଓ.ଜି., ଭୁବନେଶ୍ୱର ଏବଂ ଷ୍ଟେନ ରନର୍ସ-ଅପ୍ ଟ୍ରଫି ଓଏସଏପି ପ୍ୟାନ୍ଥର ହାସଲ କରିଥିଲେ। ଶ୍ରେଷ୍ଠ ଷ୍ଟେନ ଶୁଟର ଭାବେ ଆସିଷ୍ଟାଂଟ କମାଣ୍ଡାଂଟ ମାନସ ରଞ୍ଜନ ପଣ୍ଡା ଓ ଦ୍ୱିତୀୟ ଶ୍ରେଷ୍ଠ ଷ୍ଟେନ ଶୁଟର ଭାବେ ହାବିଲଦାର ଉତ୍ତମ ଚରଣ କାଣ୍ଡି ପୁରସ୍କୃତ ହୋଇଥିଲେ। ସେହିପରି ଏସ.ଓ.ଜି., ଭୁବନେଶ୍ୱର, ରାଇଫଲ, ରିଭଲଭର ଓ ଷ୍ଟେନଗନ ବିଭାଗରେ ସର୍ବାଧିକ ଅଙ୍କ ହାସଲ କରି "ଚାମ୍ପିୟନସିପ୍ ଟ୍ରଫି" ହାସଲ କରିଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ଓଡିଶା ପୋଲିସ ପାଇଁ ବନ୍ଧୁକ ଚାଳନାରେ ଗୌରବ ଆଣିଥିବା ଏସ.ପି. ତମାଙ୍ଗ, କମାଣ୍ଡାଣ୍ଟ, ୪ର୍ଥ ଓ.ଜ. ବାହିନୀ, ଦେବଗଡ଼, ଶକୈଳାସ ଚନ୍ଦ୍ର ବଳବନ୍ତରାୟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ୬ଷ୍ଠ ଆଇଆର ବାଟାଲିୟନ, ଖୋର୍ଦ୍ଧା, ଆର.ଆର.ଆର. ରେଡ୍ଡୀ, ଇନ୍ସପେକ୍ଟର, ଓଏସଏପି, ଅଷ୍ଟମ ବାଟାଲିୟନ ଛତ୍ରପୁର, ହାବିଲଦାର ଜିତେନ କୁମାର ପ୍ରଧାନ, ପ୍ରଥମ ଓଏସଏପି, ଢେଙ୍କାନାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ଉଦଯାପନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (ଏସଏପି) ଗଜଭିୟେ ସତୀଶ କୁମାର, କମାଣ୍ଡାଣ୍ଟ ପିଟିଆଇ, ବୈରୀ ଶ୍ରୀ ଅଶୋକ କୁମାର ଦେହୁରୀ, କମାଣ୍ଡାଂଟ ଷଷ୍ଠ ଓଏସଏପି, କଟକ, ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ, କମାଣ୍ଡାଂଟ ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡା ପ୍ରସାଦ ତମାଙ୍ଗ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରେସକ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

# କଣ୍ଟାବାଞ୍ଜିରେ ଇଞ୍ଜିନିୟରିଂ ଓ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯାଉ

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

କଣ୍ଟାବାଞ୍ଜି ଅଞ୍ଚଳର ସମଗ୍ର ଶିକ୍ଷାଗତ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତାବିତ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନା ଦାବିରେ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଚଳିତ ରାଜ୍ୟ ବଜେଟରେ ବଲାଙ୍ଗିର ଜିଲ୍ଲା ପାଇଁ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ଅନୁମୋଦନ ହୋଇଛି। ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ର ବଲାଙ୍ଗିର ଜିଲ୍ଲା ଆଉ ଏକ ପାଦ ଆଗକୁ ଯିବ। ତେବେ ପ୍ରେସ୍ କ୍ଲବ ସଦସ୍ୟ ମାନେ ଏହି ଦୁଇଟି ଶିକ୍ଷା ସଂସ୍ଥା କଣ୍ଟାବାଞ୍ଜି ଅଞ୍ଚଳରେ ସ୍ଥାପନା କରିବାକୁ ଅନୁରୋଧ କରିଛନ୍ତି। ଯାହା ଦ୍ୱାରା ଅଞ୍ଚଳୀୟ ଶିକ୍ଷାଗତ ଅସମତା ଦୂର ହେବ। ପ୍ରେସ କ୍ଲବ ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି ଯେ, କଣ୍ଟାବାଞ୍ଜି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉଚ୍ଚ ପ୍ରାଯୁକ୍ତିକ ଓ କୃଷି ଶିକ୍ଷାରେ ପଛୁଆ



ଅଛି। ଏଠାର ଅନେକ ଯୁବକ ଉଚ୍ଚ ଶିକ୍ଷା ଓ ଚାକିରି ପାଇଁ ଅନ୍ୟ ରାଜ୍ୟକୁ ନିର୍ଭର କରିଥାନ୍ତି। ଯଦି ଏହି ଦୁଇଟି ସଂସ୍ଥା କଣ୍ଟାବାଞ୍ଜିରେ ସ୍ଥାପିତ ହୁଏ ତେବେ ସ୍ଥାନୀୟ ଯୁବକ ମାନେ ଉତ୍ତମ ସୁଯୋଗ ପାଇବେ। କଣ୍ଟାବାଞ୍ଜି ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଓ ପ୍ରମୁଖ ରେଳ ଜଂସନ୍ ଯାହା ଦ୍ୱାରା ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ରାଜ୍ୟ ସହ ଭଲ ସଂଯୋଗ ସୁବିଧା ଉପଲବ୍ଧ ଅଛି। ସେହିପରି ଅଞ୍ଚଳଟି କୃଷିପ୍ରଧାନ ହେବାରୁ ଏଠାରେ କୃଷି ମହାବିଦ୍ୟାଳୟ ସ୍ଥାପନା କଲେ କୃଷକମାନେ ଗବେଷଣା, ଆଧୁନିକ କୃଷି ପ୍ରଣାଳୀ ଓ କୌଶଳ ବିକାଶରେ ସିଧାସଳଖ ଲାଭାନ୍ୱିତ ହେବେ। ପ୍ରେସ୍ କ୍ଲବ ପକ୍ଷରୁ ଭୂମି ଉପଲବ୍ଧତା ଓ ଜନସମର୍ଥନ ପାଇଁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କର ପୂର୍ଣ୍ଣ ସହଯୋଗ ରହିବ ବୋଲି ଆଶ୍ୱାସନ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ପ୍ରେସ୍ କ୍ଲବ କଣ୍ଟାବାଞ୍ଜିର ଅଧ୍ୟକ୍ଷ ପ୍ରଭଜୀତ ସିଂହ ସାଲୁଜା, ସମ୍ପାଦକ ସୂରଦାସ ବାଗ, କୋଷାଧ୍ୟକ୍ଷ କନୱଲଜୀତ ସିଂହ ମାଖିଜା, ସହ ସମ୍ପାଦକ ବିଶିକେଶନ ମାଝି, ପରାମର୍ଶଦାତା ଆଶୀଷ ଖେତାନ, ସଦସ୍ୟ କମଲ ଅଗ୍ରୱାଲ ସହ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ୍ କ୍ଲବ ଆଶା ବ୍ୟକ୍ତ କରିଛି ଯେ, ସରକାର ଜନଭାବନାକୁ ସମ୍ମାନ ଦେଇ କଣ୍ଟାବାଞ୍ଜିରେ ଏହି ଦୁଇଟି ଶିକ୍ଷା ସଂସ୍ଥା ସ୍ଥାପନାକୁ ପ୍ରାଧାନ୍ୟ ଦେବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମେରିକା...

ଆଇଆରଆଇବି ପକ୍ଷରୁ ଆସିଛି। ଆଇଆରଆଇବି ରବିବାର ସକାଳେ କହିଛି, "ଇରାନର ସୁପ୍ରିମ୍ ଲିଡର ଶହୀଦ ହୋଇଛନ୍ତି।"

ଖୋମେନିଙ୍କ ମୃତ୍ୟୁ ପରେ ଇରାନ ମଧ୍ୟ ଇସ୍ରାଇଲ୍ ଉପରେ ପ୍ରତିଆକ୍ରମଣ କରିଛି। ତେଲଆଭିବରେ ଇରାନର ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଇସ୍ରାଇଲ୍ କହିଛି ଯେ, ଆମେରିକା ସହିତ ମିଳିତ ସେନା ଅଭିଯାନର ପ୍ରାରମ୍ଭିକ ଆକ୍ରମଣରେ ଲକ୍ଷ୍ୟ କରାଯାଇଥିବା ୩୦ ଜଣ ପ୍ରମୁଖ ନେତାଙ୍କ ମଧ୍ୟରୁ ଅନେକେ ନିହତ ହୋଇଛନ୍ତି। ଇସ୍ରାଇଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁ କହିଛନ୍ତି ଯେ, ଇରାନର ଲୋକମାନେ ମୁକ୍ତ ହେଉନଥିବା ପର୍ଯ୍ୟନ୍ତ ଏହି ସେନା କାର୍ଯ୍ୟଚାଳନା ଜାରି ରହିବ। ଏହି ମଧ୍ୟରେ ଇସ୍ରାଇଲ୍ ତାହାର ବିମାନ ଆକାଶପଥକୁ ବନ୍ଦ କରିଦେଇଛି।

ସବୁଠାରୁ ପ୍ରଥମେ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଶନିବାର ରାତିରେ ଇରାନର ସର୍ବୋଚ୍ଚ ନେତା ଖୋମେନିଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଟ୍ରମ୍ପ ଟ୍ରୁଥ ସୋସିଆଲ୍‌ରେ ଲେଖିଥିଲେ, "ଇତିହାସର ସବୁଠାରୁ ଖରାପ ଲୋକମାନଙ୍କ ମଧ୍ୟରୁ ଜଣେ ଖୋମେନି ମରିଗଲେ।" ଟ୍ରମ୍ପଙ୍କ ଏହି ବକ୍ତବ୍ୟର କିଛି ଘଣ୍ଟା ପୂର୍ବରୁ ଇଜରାଇଲୀ ଏବଂ ଆମେରିକୀୟ କର୍ମକର୍ତ୍ତାମାନେ କହିଥିଲେ ଯେ, ଆକ୍ରମଣରେ ଖୋମେନି ନିହତ ହୋଇଛନ୍ତି। ଇସ୍ରାଇଲର ଚ୍ୟାନେଲ୍ ଖବର ଦେଇଥିଲା ଯେ, ତେହରାନର କମ୍ପାଉଣ୍ଡରୁ ଖୋମେନିଙ୍କ ମୃତଦେହ ମିଳିବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ ତାହାର ଫଟୋ ଦେଖାଯାଇଥିଲା।

ଇରାନର ସରକାରୀ ଗଣମାଧ୍ୟମ କହିଛି ଯେ, ଏହି ଆକ୍ରମଣରେ ଖୋମେନିଙ୍କ ଝିଅ, ନାତି, ବୋହୂ ଏବଂ ଜ୍ୱାଇଁ ମଧ୍ୟ ନିହତ ହୋଇଛନ୍ତି। ଇସ୍ରାଇଲ୍ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଆକ୍ରମଣରେ ନିହତ ହୋଇଥିବା ଇରାନର ସେନା ଅଧିକାରୀମାନଙ୍କ ପରିଚୟ ପ୍ରକାଶ କରିଛି। ଏଥିରେ ସର୍ବୋଚ୍ଚ ସେନା ଅଧିକାରୀ ଅଲି ଶମଖାନି ଏବଂ ଆଇଆରଜିସିର କମାଣ୍ଡର ମୋହମ୍ମଦ ପାକପୁର ପ୍ରମୁଖ ଅଛନ୍ତି। ଆଇଡିଏଫ୍ କହିଛି ଯେ, ଆକ୍ରମଣରେ ଇରାନର ମିଲିଟାରି ଇମରଜେନ୍ସି ହେଡକ୍ୱାର୍ଟରରେ ଇଣ୍ଟେଲିଜେନ୍ସ ଚିଫ୍ ସଲାହ ଆସଦି ଏବଂ ପ୍ରମୁଖ ସେନା ଅଧିକାରୀ ମୋହମ୍ମଦ ଶିରାଜି ମଧ୍ୟ ମରିଯାଇଛନ୍ତି।

ଏହା ମଧ୍ୟରେ ଇରାନର ବିଦେଶମନ୍ତ୍ରୀ ଆବାସ୍ ଆରାଘଚି ସଂଯୁକ୍ତ ରାଷ୍ଟ୍ରସଂଘର ମହାସଚିବ ଏବଂ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଇସ୍ରାଇଲ୍ ଏବଂ ଆମେରିକାର ସଂଯୁକ୍ତ ଆକ୍ରମଣ ବିଷୟରେ ଅବଗତ କରାଇଛନ୍ତି। ଆରାଘଚି କହିଛନ୍ତି ଯେ, ଏହି ଆକ୍ରମଣର ପ୍ରତିଉତ୍ତରରେ ଇସ୍ଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍ ସଂଯୁକ୍ତ ରାଷ୍ଟ୍ର ଚାର୍ଟରର ଆର୍ଟିକଲ୍ ୫୧ ଅନୁସାରେ ସ୍ୱୟଂରକ୍ଷାର ନିଜସ୍ୱ ଏବଂ ଆଇନଗତ ଅଧିକାରର ପ୍ରୟୋଗ କରୁଛି।

**ଇରାନରେ ୪୦ଦିନର ରାଜକୀୟ ଶୋକ, ୭ଦିନ ଛୁଟି**

ଇରାନ ଉପରେ ଆମେରିକା ଏବଂ ଇସ୍ରାଇଲ୍‌ର ବିମାନ ଆକ୍ରମଣରେ ଇସ୍ଲାମିକ ବିପ୍ଲବର ନେତା ଆୟାତୁଲ୍ଲା ସୟ୍ୟଦ ଆଲି ଖୋମେନିଙ୍କ ମୃତ୍ୟୁ ପରେ ୪୦ ଦିନର ରାଜ୍ୟ ଶୋକ ଏବଂ ସାତ ଦିନର ସରକାରୀ ଛୁଟି ଘୋଷଣା କରାଯାଇଛି।

ଇରାନର ନୂତନ ସର୍ବୋଚ୍ଚ ନେତା ଚୟନ ହେବା ପର୍ଯ୍ୟନ୍ତ ଏପରି ପରିଷଦ ନେତୃତ୍ୱର ଶକ୍ତି ନିଜ ହାତରେ ନେଇପାରେ। ଏହି ମଧ୍ୟରେ ଇସ୍ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି) କହିଛି ଯେ, ଇସ୍ଲାମିକ ରିପବ୍ଲିକ ଅଫ୍ ଇରାନର ଇତିହାସର ସବୁଠାରୁ ବିପଦଜନକ ଆକ୍ରମଣ ଆରମ୍ଭ ହେବାକୁ ଯାଉଛି। ଏହାର ସୂଚନା ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି ଦେଇଛି। ଏଜେନ୍ସି କହିଛି ଯେ, ଏହି ଆକ୍ରମଣ କେବଳ କିଛି ମୁହୂର୍ତ୍ତ ମଧ୍ୟରେ ଆରମ୍ଭ ହେବ।

**ବିଶ୍ୱରେ ୧,୮୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ ଠପ୍**

ଇସ୍ରାଏଲ ଓ ଆମେରିକା ପକ୍ଷରୁ ଇରାନ ଉପରେ ମିଳିତ ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ଅଧିକ ଖରାପ କରିଛି। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ବିମାନ ସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି। ଅନେକ ଦେଶ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି। ୟୁରୋପ, ଆଫ୍ରିକା ଏବଂ ଏସିଆକୁ ସଂଯୋଗ କରୁଥିବା ପ୍ରମୁଖ ବିମାନବନ୍ଦରଗୁଡ଼ିକ ପ୍ରଭାବିତ ହୋଇଛି। ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଯୁଦ୍ଧ ପରିସ୍ଥିତି...

ବୈଠକରେ ପରିସ୍ଥିତି ଆହୁରି ଖରାପ ହେଲେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ଏକ ମାଷ୍ଟର ପ୍ଲାନ୍ ଉପରେ ଆଲୋଚନା ହୋଇଛି।

ଯୁଦ୍ଧ ଭାରତର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଇବ। ଭାରତ ଏହାର ୮୦% ରୁ ଅଧିକ ଅଶୋଧିତ ତୈଳ ଆବଶ୍ୟକତା ଆମଦାନୀ କରେ, ଯାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ। ଯଦି ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧିତ ହୁଏ, ତେବେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହେବ। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଭାରତରେ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ସୃଷ୍ଟି କରିପାରେ। ଅର୍ଥମନ୍ତ୍ରୀଙ୍କ ସହ ସିସିଏସ ବୈଠକରେ ଏହି ଆର୍ଥିକ ଆଘାତରୁ ବର୍ତ୍ତିବା ପାଇଁ କ'ଣ ଯୋଜନା କରାଯାଇପାରିବ ସେନେଇ ଆଲୋଚନା ହୋଇଛି। ଏହି ବୈଠକରେ ଗୃହ ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରମୁଖ ନେତାମାନେ ଯୋଗଦେଇଥିଲେ।

### କାରଖାନାରେ ଭୟଙ୍କର...

ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସେହି ଅଞ୍ଚଳକୁ ସିଲ୍ କରିଦିଆଯାଇଛି। ତେବେ ଖବର ପାଇ ଘଟଣାସ୍ଥଳରେ ନାଗପୁର ଜିଲ୍ଲାପାଳ ଓ ଏସପି ପହଞ୍ଚିଥିଲେ। ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା। ତେବେ ଅନେକ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ପ୍ରଧାନମନ୍ତ୍ରୀଙ୍କ ଶୋକ...

ପରିବାର ପାଇଁ କ୍ଷତିପୂରଣ ଘୋଷଣା କରାଯାଇଛି।ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ କହିଛନ୍ତି, 'ମହାରାଷ୍ଟ୍ରର ନାଗପୁରରେ ଏକ କାରଖାନାରେ ହୋଇଥିବା ବିସ୍ଫୋରଣ ଅତ୍ୟନ୍ତ ଦୁଃଖଦ। ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ମୁଁ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ସ୍ଥାନୀୟ ପ୍ରଶାସନ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରୁଛି। ପୀଡିତଙ୍କ ପରିବାରକୁ ସହାୟତା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠି (ପିଏମଏନଆରଏଫ)ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ଘଟଣାରେ ଆହତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ।

### ଦୋଳପୂର୍ଣ୍ଣମୀରେ...

ଇତ୍ୟାଦି ଜାତ ନକ୍ଷତ୍ରଙ୍କର ଦର୍ଶନରେ ଶୁଭଫଳ ପ୍ରାପ୍ତି ହେବ।

ଗ୍ରହଣ ମୋକ୍ଷ ପରେ ନିମ୍ନ ମନ୍ତ୍ରପାଠ କରି ସ୍ନାନ କରିବେ, ଯଥା-

ଯଥାପଦୋବିମୁକ୍ତୋଽସି କେତୋର୍ବଦନ ସଂକଟାତ୍।
ତଥାତ୍ୱଂ ରୋହିଣୀକାନ୍ତ ଆପଦୋ ମାଂ ବିମୋଚୟ ॥

ଗ୍ରହଣ ମୋକ୍ଷ ପରେ ସ୍ନାନ କରିବା ସହିତ ଚନ୍ଦ୍ରାର୍ଘ୍ୟଦାନ ବିଧି ରହିଛି। ନିମ୍ନ ମନ୍ତ୍ରପାଠକରି ଚନ୍ଦ୍ରାର୍ଘ୍ୟ ଦିଆଯାଏ। ଯଥା-

ନିଶାନାଥ ନମସ୍ତୁଭ୍ୟଂ କେତୁଗ୍ରହରିପୋ ପ୍ରଭୋ।
ଅର୍ଘ୍ୟଂ ଦଦାମି ଦେବେଶ କେତୁଗ୍ରହ ବିମୋଚନାତ୍ ॥

## ବିଜେଡିର ବରିଷ୍ଠ ନେତା ଗୋଲକ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ ର ବରିଷ୍ଠ ନେତା ଗୋଲକ ବିହାରୀ ନାୟକଙ୍କ ବିୟୋଗ ରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଏକ ଶୋକ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମାଜବାଦୀ ଆଦର୍ଶ ରେ ବିଶ୍ୱାସୀ ସ୍ୱର୍ଗତ ନାୟକ ଚାଷୀ ଓ ଶ୍ରମିକ ମାନଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟରତ ଥିଲେ। ତାଙ୍କର ବିୟୋଗ ରେ ବିଜୁ ଜନତା ଦଳ ଜଣେ ସମର୍ପିତ ଜନ ସେବକଙ୍କୁ ହରାଇଲା।

ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମା ର ସଦଗତି କାମନା କରିଛନ୍ତି।

## ବିଜେଡିରୁ ପ୍ରଭାତ ବିଶ୍ୱାଳ ବହିଷ୍କୃତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେଡିରୁ ବହିଷ୍କୃତ ହେଲେ ପ୍ରଭାତ ବିଶ୍ୱାଳ। ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ନେଇ ଦଳ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ବିଶୃଙ୍ଖଳା ଓ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଦସ୍ୟ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଦଳରୁ ବହିଷ୍କାର କରିଛନ୍ତି। ଏନେଇ ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ସୂଚନା ଦେଇଛନ୍ତି।

ବହିଷ୍କାର ପରେ ପ୍ରତିକ୍ରିୟା ରଖି ପ୍ରଭାତ ବିଶ୍ୱାଳ କହିଛନ୍ତି ବିଜେଡି ପାଇଁ ବହୁ ପରିଶ୍ରମ ହୋଇଛି।ବିଜେଡିର ଆକାଉଂଟ ବାହାର ରାଜ୍ୟରେ ଖୋଲିବା ଗ୍ରହଣୀୟ ନୁହେଁ। ପାର୍ଟିର ଅଜାଣତରେ ବାହାର ରାଜ୍ୟରେ ଖୋଲିଲେ ବରଦାସ୍ତ କରାଯିବନି। ସେଥିପାଇଁ ମୁଁ ରିଆକ୍ଟ କରିଛି। ମୋତେ ଯେଉଁମାନେ ବହିଷ୍କାର କରିଛନ୍ତି ସେମାନେ ରାତି ଅନିଦ୍ରା ହୋଇନାହାନ୍ତି। ମୁଁ ରାତି ଅନିଦ୍ରା କଷ୍ଟ ପାଇଥିବାରୁ ନବୀନ ନିବାସ ଯାଇଥିଲି। ବିଜୁ ଜନତା ଦଳର ୧୮୮ କୋଟି ଟଙ୍କା ଅଛି। ସେମାନେ ଦସ୍ତଖତ କରି ପ୍ରାର୍ଥୀ ହେବା କିପରି ସମ୍ଭବ। ସମୟ ଆସିଗଲା, ସତ୍ୟ ପ୍ରକାଶିତ ହେବ। ଯେଉଁ ୮୦୦ କୋଟି ଟଙ୍କା ଅଛି, କର୍ମୀ ଭାବେ ଆମର ଭାଗ ରହିଛି।

# ବଲାଙ୍ଗୀର ଓ ବରଗଡ ହେଲା ନକ୍ସଲ ମୁକ୍ତ ଜିଲ୍ଲା : ଡିଜିପି

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନରେ ଓଡିଶା ପୁଲିସକୁ ସଫଳତା ମିଳିଛି। ବଲାଙ୍ଗୀର ଓ ବରଗଡକୁ ମାଓବାଦୀ ମୁକ୍ତ ଜିଲ୍ଲା ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଘୋଷଣା କରିଛନ୍ତି।

ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଏହି ମାଓବାଦୀମାନେ ବରଗଡ଼-ବଲାଙ୍ଗିର-ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ। ଯାହା ଫଳରେ,ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଘୋଷଣା କରାଯାଇଛି। ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ସୁରକ୍ଷା ବାହିନୀଙ୍କ



ସମନ୍ୱିତ ପଦକ୍ଷେପ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବ। ଶୀଘ୍ର ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି।

ଛତିଶଗଡ଼ର ରାୟପୁର ରେଞ୍ଜ ଏବଂ ଓଡିଶାର ସମ୍ବଲପୁର ରେଞ୍ଜ ହେଲା ସମ୍ପୂର୍ଣ୍ଣ ମାଓ ମୁକ୍ତ। ଆଜି ପଶ୍ଚିମ ଓଡିଶା ସବ ଜୋନ ସଚିବ ବିକାଶ ସହ ୧୫ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି।

## ମାଓ କ୍ୟାମ୍ପରୁ ୪୬ ଲକ୍ଷ ଟଙ୍କା ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଉମରକୋଟ, ନ୍ୟୁଜ ବ୍ୟୁରୋ**

ମୈନପୁର ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷାବଳକୁ ମିଳିଛି ଏକ ବଡ଼ ସଫଳତା। ଜଙ୍ଗଲ ଭିତରେ ମାଓବାଦୀମାନେ ଲୁଚାଇ ରଖିଥିବା ପ୍ରାୟ ୪୬ ଲକ୍ଷରୁ ଅଧିକ ଟଙ୍କା ଏବଂ ଭାରି ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରିଛି ପୋଲିସ। ଛତିଶଗଡ଼ ଗରିଆବନ୍ଦ ଜିଲ୍ଲା ପୋଲିସର ଇ-୩୦ ଟିମ୍ ଏବଂ ଧମତରୀ ଡିଆରଜିର ଏକ ମିଳିତ ଟିମ୍ ମୈନପୁର ଥାନା ଅନ୍ତର୍ଗତ ବଡେଗୋବରା ଗ୍ରାମର ସାମ୍ପସାଟି ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ ଚଲାଇଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ ଏହି ଚଢ଼ଉ କରାଯାଇଥିଲା।

# କଟକର ଐତିହ୍ୟ ସ୍ଥଳୀ ପରିଦର୍ଶନ କଲେ ମଧ୍ୟପ୍ରଦେଶର ଗଣମାଧ୍ୟମ ପ୍ରତିନିଧି ଦଳ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିକାଶମୂଳକ କାର୍ଯ୍ୟ, ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିର ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶର ଗଣମାଧ୍ୟମ ପ୍ରତିନିଧି ଦଳ, କଟକର ଦୁଇ ପ୍ରମୁଖ ଐତିହ୍ୟ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ପ୍ରତିନିଧି ଦଳ ପ୍ରଥମେ ଓଡ଼ିଆ ବଜାର ସ୍ଥିତ "ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ" ଏବଂ ପରେ କଟକର ଐତିହାସିକ "ନ୍ୟାୟ ସଂଗ୍ରହାଳୟ" (ମ୍ୟୁଜିୟମ ଅଫ ଜଷ୍ଟିସ) ବୁଲି ଦେଖିବା ସହ ଓଡ଼ିଶାର ଇତିହାସ ଓ ନ୍ୟାୟିକ ବିବର୍ତ୍ତନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ପ୍ରତିନିଧି ଦଳ ନେତାଜୀଙ୍କ ଜନ୍ମସ୍ଥାନ ପୈତୃକ ଭବନରେ ପହଞ୍ଚି ମହାନ ସଂଗ୍ରାମୀଙ୍କ



ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ସଂରକ୍ଷିତ ଥିବା ନେତାଜୀଙ୍କ ଶୈଶବର ସ୍ମୃତି, ବ୍ୟକ୍ତିଗତ ବ୍ୟବହୃତ ସାମଗ୍ରୀ, ବିରଳ ଫଟୋଗ୍ରାଫ୍ ଏବଂ ପତ୍ରାବଳୀକୁ ଦେଖି ତାଙ୍କର ସଂଗ୍ରାମମୟ ଜୀବନୀ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ସେହିପରି ନ୍ୟାୟ ସଂଗ୍ରହାଳୟ ପରିଦର୍ଶନ ସମୟରେ ଓଡ଼ିଶାର ଶତାବ୍ଦୀ ପୁରୁଣା ଆଇନଗତ ଦଲିଲ ଏବଂ ବିଚାର ବିଭାଗୀୟ ଢାଞ୍ଚାର ପରିବର୍ତ୍ତନ ସମ୍ପର୍କରେ ସେମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଓଡ଼ିଶାର ଏହି ମହାନ ଐତିହ୍ୟକୁ ସଠିକ ଭାବେ ସଂରକ୍ଷଣ କରିବାରେ ପ୍ରଶାସନର ଉଦ୍ୟମକୁ ସେମାନେ ବେଶ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ମତ ଦେଇଥିଲେ ଯେ, ଏହି ଗସ୍ତ ଓଡ଼ିଶାର ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳ ସହ ଏହାର ଗୌରବମୟ ଅତୀତକୁ ବୁଝିବାରେ ଏକ ସେତୁ ସଦୃଶ ଅଟେ। ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ସଭ୍ୟତା ସାରା ଭାରତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ପରିଦର୍ଶନ ଦ୍ୱାରା ମଧ୍ୟପ୍ରଦେଶ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ଏସିପି ଖୋଲିଲେ ହତ୍ୟାର ରହସ୍ୟ

# ୟୁଟ୍ୟୁବର ରାହୁଲ ହତ୍ୟା ଘଟଣାରେ ଯବାନଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର, ୧/୦୩ ନ୍ୟୁଜ ବ୍ୟୁରୋ**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନି ଗାଁ ହାଇସ୍କୁଲ ପଡ଼ିଆରେ ୟୁଟ୍ୟୁବର ରାହୁଲ ରଞ୍ଜନ ମହାରଣାଙ୍କୁ ଛୁରୀ ଭୁସି ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଆର୍ମି ଯବାନ ଏବଂ ତାଙ୍କ ଦୁଇ ପୁତୁରା ରହିଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା କାନପୁର ଥାନା ଅନ୍ତର୍ଗତ ମନପୁର ଗାଁର ସଂଗ୍ରାମ କେଶରୀ ବେହେରା ଓରଫ ସତୁରା (୩୭) ଏବଂ ତାଙ୍କ ଦୁଇ ପୁତୁରା ହେଲେ ସଂଗ୍ରାମ ବେହେରା ଓରଫ କୁନା (୨୪) ଓ ସମରେନ୍ଦ୍ର ବେହେରା ଓରଫ ମୁନା (୨୦)। ଅଭିଯୁକ୍ତମାନଙ୍କ ଠାରୁ ୨ଟି ବାଇକ, ୩ଟି ମୋବାଇଲ ଓ ହତ୍ୟାରେ ବ୍ୟବହୃତ ଛୁରୀ ଜବତ କରାଯାଇଛି। ଏହି ଘଟଣାରେ ମୃତ ରାହୁଲଙ୍କ ସାଙ୍ଗ ସଚିନ କୁମାର ନାୟକଙ୍କ ଏତଲା ଆଧାରରେ ପୋଲିସ ହତ୍ୟା ମାମଲା (ନଂ.୧୪୪/୨୦୨୬) ରୁଜୁ କରିଛି। ଏହି ଘଟଣାରେ କୌଣସି ପୂର୍ବ ଶତ୍ରୁତା ନ ଥିଲା। ବରଂ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଝଗଡା ବେଳେ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଥିଲେ ବୋଲି ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଏସିପି ଶ୍ରୀ ସେନାପତିଙ୍କ ସୂଚନା ଅନୁଯାୟୀ,



ଅଭିଯୁକ୍ତ ଯବାନ ସଂଗ୍ରାମ ଜିଜିପି କଲୋନିରେ ଭଡ଼ାଘର ନେଇ ପରିବାର ସହ ରହୁଛନ୍ତି। ତାଙ୍କ ପାଖରେ କୁନା ରୁହେ। ତେବେ ସଂଗ୍ରାମ କିଛିଦିନ ହେବ ଛୁଟିରେ ଆସିଥିଲେ। ଏଥିପାଇଁ ମୁନା ମଧ୍ୟ ଆସିଥିଲେ। ରାତିରେ ଜିଜିପି କଲୋନି ହାଇସ୍କୁଲ ପଡ଼ିଆରେ କିଛି ଦୂରତାରେ ଦୁଇ ଗୋଷ୍ଠୀ ବସିଥିଲେ। ରାତି ପ୍ରାୟ ୯ଟା ୩୦ ବେଳେ ହତ୍ୟାକାଣ୍ଡ ଘଟିଥିଲା। ଗିରଫ ୩ ଅଭିଯୁକ୍ତ ଏକାଠି ହୋଇ ବସିଥିବାବେଳେ ରାହୁଲଙ୍କ ଦଳରେ ୪ଜଣ ଥିଲେ। ରାହୁଲଙ୍କ ଦଳର ଶିବା ନାମକ ଯୁବକ ଫୋନରେ କଥା ହୋଇ ଅନ୍ୟ ଦଳ ପାଖକୁ ଚାଲି ଯାଇଥିଲେ। ଶିବା ଫୋନରେ କଥା ହେଉଥିବାବେଳେ ଆଶ୍ରାବ୍ୟ ଭାଷା ବ୍ୟବହାର କରୁଥିଲେ। ଅଭିଯୁକ୍ତ ଯବାନ ସଂଗ୍ରାମ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ଶିବା ଓ ସଂଗ୍ରାମଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ଦୁଇ ପୁତୁରା ଓ ଦାଦା ସଂଗ୍ରାମ ମିଶି ଶିବାଙ୍କୁ ମାଡ ମାରିଥିଲେ। ଏହି ସମୟରେ ଶିବାଙ୍କୁ ଉଦ୍ଧାର କରିବାକୁ କିଛିଦୂରରେ ବସିଥିବା ରାହୁଲ ସେଠାକୁ ଯିବାରୁ ଭୀଷଣ ଗଣ୍ଡଗୋଳ ହୋଇଥିଲା। ଏତିକିବେଳେ ରାହୁଲଙ୍କୁ ଦାଦା ସଂଗ୍ରାମ ଓ କୁନା ଧରିଥିବା ବେଳେ ମୁନା ଛାତିକୁ ଛୁରୀ ଭୁସିଦେଇଥିଲା। ମୁନା ତା' ପାଖରେ ପୂର୍ବରୁ ଗୋଟିଏ ଫୋଲ୍ଡିଂ ଛୁରୀ ରଖିଥିଲା। ଏଥିରେ କୌଣସି ପୂର୍ବଶତ୍ରୁତା ନ ଥିଲା ବୋଲି ଏସିପି ସ୍ପଷ୍ଟ କରିଛନ୍ତି। ତେବେ ଉଭୟ ଗୋଷ୍ଠୀ ସେଠାରେ ମଦ୍ୟପାନ କରୁଥିଲେ କି ନାହିଁ ତାହା ଜାଣିବାକୁ ତଦନ୍ତ ଚାଲିଥିବା ଏସିପି କହିଛନ୍ତି।

ଏସିପି କହିଛନ୍ତି, ଘଟଣା ପରେ ଖବର ପାଇ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲା। ଆଖପାଖରେ କୌଣସି ସିସିଟିଭି କ୍ୟାମେରା ନ ଥିବାରୁ ପୋଲିସ ଲୋକମାନଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଥିଲା। ପୋଲିସ ଅଭିଯୁକ୍ତମାନଙ୍କ ଦୁଇ ବାଇକର ପଞ୍ଜିକୃତ ନମ୍ବର ପାଇଥିଲା। ଏହାକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱର ବାହାରକୁ ଚାଲିଯାଇଥିବାରୁ ସେମାନଙ୍କୁ ଧରିବା ଟିକିଏ କଷ୍ଟକର ଥିଲା। ଗାଡି ନମ୍ବରରୁ ମିଳିଥିବା ମୋବାଇଲ ନମ୍ବରକୁ ଟ୍ରାକ୍ କରି ଅଭିଯୁକ୍ତମାନଙ୍କୁ ଧରାଯାଇଥିଲା ବୋଲି ଏସିପି କହିଛନ୍ତି।

ଭୁବନେଶ୍ୱର, ୨ ମାର୍ଚ୍ଚ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଭିତରକାଠ ଦର୍ଶନ ପାଇଁ ଅଡ଼ି ବସିଲେ ସେବାୟତ

# ୪ଘଣ୍ଟା ବିଳମ୍ବରେ ବାହାରିଲା ଅବଢ଼ା

**ପୁରୀ, ୧/୦୩ ନ୍ୟୁଜ ବ୍ୟୁରୋ**

ଚନ୍ଦ୍ରଗ୍ରହଣ ପରିପ୍ରେକ୍ଷୀରେ ୧ ଓ ୨ ତାରିଖ ଭକ୍ତଙ୍କ ଭିତରକାଠ ଦର୍ଶନ ବନ୍ଦ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିବାରୁ ଖୁଣ୍ଟିଆ ମେକାପ ଏବଂ ଖୁଣ୍ଟିଆ ସେବାୟତ ଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି । ଏଥିପାଇଁ ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତିରେ ବିଳମ୍ବ ଘଟିଛି ଓ ମହାପ୍ରସାଦ ୪ଘଣ୍ଟା ବିଳମ୍ବରେ ବାହାରିଛି । ଏହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋବିନ୍ଦ ଦ୍ୱାଦଶୀ ବୁଡ଼ ପରେ ଭକ୍ତମାନେ ମହାପ୍ରସାଦ ପାଇବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିଥିଲେ । ପ୍ରାୟ ୪ଘଣ୍ଟା ପରେ ଅର୍ଥାତ ସନ୍ଧ୍ୟା ୭ଟାରେ



ମହାପ୍ରସାଦ ବାହାରି ଥିଲା । ପ୍ରଥମ ଭୋଗ ମଣ୍ଡପର ଭୋଗ ବାହାରିବାକୁ ୪ଘଣ୍ଟା ବିଳମ୍ବ ହେବା ଯୋଗୁଁ ଦ୍ୱିତୀୟ ଭୋଗ ମଣ୍ଡପର ଭୋଗ ବାହାରିବାକୁ ଅନେକ ସମୟ ବିଳମ୍ବ ହୋଇଥାନ୍ତା । ଏଥିପାଇଁ ସୁଆର ମହାସୁଆର ସେବକମାନେ ଦ୍ୱିତୀୟ ଭୋଗମଣ୍ଡପର ଭୋଗକୁ ପ୍ରଥମ ଭୋଗ ମଣ୍ଡପ ଭୋଗରେ ମିଶାଇ ଦେଇଥିଲେ । ଏହା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ପ୍ରକାଶଯୋଗ୍ୟ, ଗତ ଶୁକ୍ରବାର ନୀତି ବିଳମ୍ବ ଯୋଗୁଁ ରାତି ପ୍ରାୟ ୩ଟା ୨୦ରେ ବଡ଼ସିଂହାର ବେଶ ହୋଇଥିଲା । ଭୋର୍ ୪ଟା ୩୦ରେ ରାତ୍ର ପହୁଡ଼ ହୋଇଥିଲା । ଫଳରେ ଗତ ଶନିବାର ମଧ ସକାଳ ୭ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ ହୋଇଥିଲା । ନୀତି ବିଳମ୍ବ ସହ ଭିତରକାଠ ଦର୍ଶନ ପାଇଁ ଦୁଇ ସେବାୟତ ଗୋଷ୍ଠୀ ଅଡ଼ି ବସିବାରୁ ମହାପ୍ରଭୁଙ୍କ ସେବାରେ ମଧ ଦର୍ଶନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ସେବାୟତଙ୍କ ଦର୍ଶନକୁ ନେଇ ବିବାଦ ପରେ ଶ୍ରୀମନ୍ଦିର ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯୋଗୁଁ ଏଭଳି ଅଘଟଣ ବାରମ୍ବାର ଘଟୁଥିବା ଜଗନ୍ନାଥପ୍ରେମୀ ସୂଚନା ଦେଇଛନ୍ତି ।

# ଦକ୍ଷିଣ ଆଫ୍ରିକୀୟରୁ ଆସିଲେ ୯ ଚିତା

ଭାରତରେ ଚିତା ସଂଖ୍ୟା ୪୮କୁ ବୃଦ୍ଧି

**ନୂଆଦିଲ୍ଲୀ,୦୧/୦୩**

ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ ପାର୍କକୁ ଆଉ ୯ଟି ଚିତା ଅଣାଯାଇଛି । ଦକ୍ଷିଣ ଆଫ୍ରିକୀୟ ଦେଶ ବୋସ୍ୱାନାରୁ ୬ଟି ମାଈ ଏବଂ ୩ଟି ଅଣ୍ଡିରା ଚିତାକୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ପ୍ରଥମେ ଗ୍ୱାଲିଅର ଅଣାଯାଇଥିଲା । ପରେ ହେଲିକପ୍ଟର ଜରିଆରେ କୁନୋ ନ୍ୟାସନାଲ ପାର୍କରେ ପହଞ୍ଚା ଯାଇଥିଲା । ସମସ୍ତ ୯ ଚିତାକୁ ଆଗାମୀ ମାସେ ଯାଏ ବିଶେଷ କ୍ୱାରେଣ୍ଟାଇନ୍ ୱାର୍ଡରେ ବିଶେଷଜ୍ଞ ଏବଂ ଡାକ୍ତରଙ୍କ ଅନୁଧ୍ୟାନରେ ରଖାଯିବ । ୩ଟି ଭିନ୍ନ ଭିନ୍ନ ଦେଶର ଚିତା ଏକାଠି ରହିବା ଏହି ପ୍ରକଳ୍ପର ଦୀର୍ଘମିଆଦୀ ସଫଳତା ଲାଗି ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି



ଆଶା କରାଯାଉଛି । ଏଥିସହ କୁନୋରେ ଏବେ ଚିତା ସଂଖ୍ୟା ୩୬ରୁ ବଢ଼ି ୪୫ ହୋଇଛି । ଗାନ୍ଧୀ ସାଗର ଅଭୟାରଣ୍ୟରେ ଥିବା ୩ ଚିତାଙ୍କୁ ମିଶାଇ ଦେଶରେ ଚିତାସଂଖ୍ୟା ୪୮ ହୋଇଛି । ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ପର୍ଯ୍ୟାୟରେ ଅଧିକ ମାଈ ଚିତାଙ୍କୁ ଅଣାଯିବା ଦ୍ୱାରା କୁନୋରେ ଲିଙ୍ଗାନୁପାତ ଉନ୍ନତ ହେବ । ଏଥିଯୋଗୁ ସେଠାରେ ଜେନେଟିକ୍ ବିବିଧତା ମଧ ମଜଭୁତ ହେବ ।

# ବଦଳିଲା କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନର ସମୟ ସୀମା



**କୋଣାର୍କ,୦୧/୦୩ ନ୍ୟୁଜ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟରେ ପରିବର୍ତ୍ତନ ହୋଇଛି । ପର୍ଯ୍ୟଟକଙ୍କ ପାଇଁ ମାର୍ଚ୍ଚ ୧ ତାରିଖରୁ ସକାଳ ୬ରୁ ସୂର୍ଯ୍ୟମନ୍ଦିର ମୁଖ୍ୟଦ୍ୱାର ଖୋଲାରହି ସନ୍ଧ୍ୟା ୭ଟାରେ ବନ୍ଦ ହେବ । ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟ ପରିବର୍ତ୍ତନ ହୋଇଥିବା ଏଏସଆଇ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିଭଳି ଲାଇଟ ଆଣ୍ଡ୍ ସାଉଣ୍ଡ ସୋ ସନ୍ଧ୍ୟା ୭ଟା ୩୦ରୁ ଚାଲିବ । ପର୍ଯ୍ୟଟକମାନେ ମନ୍ଦିର ପରିସରରୁ ବାହାରିବା ପରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ' ଦେଖିବେ । ପୂର୍ବରୁ ସନ୍ଧ୍ୟା ୬ଟାରେ ସୂର୍ଯ୍ୟମନ୍ଦିର ବନ୍ଦ ହେଉଥିଲା ।

ଶ୍ରୀଜୀଉଙ୍କୁ ଦର୍ଶନ କଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

# ଖୁବ୍‌ଶୀଘ୍ର ମହାନଦୀ ଜଳ ବିବାଦର ହେବ ସମାଧାନ

**ପୁରୀ, ୧/୦୩ ନ୍ୟୁଜ ବ୍ୟୁରୋ**

ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଟ୍ରିବ୍ୟୁନାଲ ଟିମ୍ ରବିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ରବିବାର ସକାଳେ ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଆସିଥିବା ଟ୍ରିବ୍ୟୁନାଲ ଟିମ୍ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କରିଛନ୍ତି । ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଦର୍ଶନ ସାରି ଫେରିବା ପରେ ରାଜ୍ୟ ସରକାରଙ୍କ ଆଡଭୋକେଟ ଜେନେରାଲ ପିତାମ୍ବର



ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ।

ଏହି ଅବସରରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି, 'ଖୁବ୍‌ଶୀଘ୍ର ଓଡ଼ିଶା-ଛତିଶାଗଡ ମହାନଦୀ ଜଳ ବିବାଦର ହେବ ସମାଧାନ । ଆସନ୍ତା ମାର୍ଚ୍ଚ ୭ ତାରିଖରେ ଛତିଶଗଡ଼ ଗସ୍ତରେ ଯିବ ଟ୍ରିବ୍ୟୁନାଲ ଟିମ୍ । ୭ରୁ ୧୧ ତାରିଖ ଯାଏଁ ଛତିଶଗଡ଼ର ବିଭିନ୍ନ ସ୍ଥାନକୁ ଯାଇ ଏହି ଟିମ୍ ଅନୁଧ୍ୟାନ କରିବ । ତେବେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମହାନଦୀ ଜଳ ବିବାଦର ସମାଧାନ ନେଇ ଆଲୋଚନା କରିଛନ୍ତି । ଏଣୁ ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ଆଶା ରହିଛି । ମହାନଦୀ ଟ୍ରିବ୍ୟୁନାଲ ଟିମ୍ ଓଡ଼ିଶା ଗସ୍ତରେ ଆସି ପଶ୍ଚିମ ଓଡ଼ିଶା, ମହାନଦୀ ଅବବାହିକାକୁ ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ସମସ୍ତ ସ୍ଥିତିର ଅନୁଧ୍ୟାନ କରିଥିଲେ । ମହାନଦୀ ଜଳର ଅଭାବ ଯୋଗୁଁ ପ୍ରଭାବିତ ହୋଇଥିବା ଅଞ୍ଚଳ ଓ ଶାଖା ନଦୀର ସ୍ଥିତିକୁ ସମୀକ୍ଷା କରିଥିଲେ । ମହନଦୀ ଟ୍ରିବ୍ୟୁନାଲ ଟିମ୍ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ କଣାସ, ଗୋପ, ଡେଲାଙ୍ଗ, ବ୍ରହ୍ମଗିରି ଓ ନିମାପଡ଼ା ଗସ୍ତ କରି ନଦୀ ଗୁଡିକର ଅନୁଧ୍ୟାନ କରିଥିଲେ । ସୋମବାର ଏହି ଟିମ୍ ଚିଲିକା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।' ସେପଟେ ବିରୋଧୀ ଦଳର ବିରୋଧକୁ ସମାଲୋଚନା କରିଛନ୍ତି ପିତାମ୍ବର ଆଚାର୍ଯ୍ୟ । ସେ କହିଛନ୍ତି,' ଟ୍ରିବ୍ୟୁନାଲ ଟିମ୍ ଆସି ମହାନଦୀ ଜଳ ବିବାଦର ସମାଧାନ କରିବା ଉପରେ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି । ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିବାଦର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଆମେ ଆଶା ରଖିଛୁ ଓଡ଼ିଶା ନିଜର ହକ୍ ଓ ସ୍ୱାର୍ଥ ରକ୍ଷାରେ ସଫଳ ହେବ । ତେବେ ଏହି ଉଦ୍ୟମକୁ ବିରୋଧୀ ସହ୍ୟ ନ କରି ପାରି ଯେଉଁ ସମାଲୋଚନା କରୁଛନ୍ତି ତାହା ନିନ୍ଦନୀୟ । ଆଶା କରୁଛୁ ଓଡ଼ିଶାର ସ୍ୱାର୍ଥ ରକ୍ଷାରେ ବିରୋଧୀ ଦଳ ସରକାରଙ୍କୁ ସହଯୋଗ କରିବେ ।'

# ଇରାନ ଯୁଦ୍ଧ ମଧ୍ୟରେ ଓପିଇସ+ଙ୍କ ବଡ଼ ନିଷ୍ପତ୍ତି : ବଢ଼ିବ ତୈଳ ଉତ୍ପାଦନ

**ବଗଦାଦ, ୧/୦୩**

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଓପିଇସି ପ୍ଲସ୍ ଦେଶମାନେ ତୈଳ ଉତ୍ପାଦନ ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି । ତୈଳ ଉତ୍ପାଦକଙ୍କ ଏହି ସମୂହ ରବିବାର ଧାର୍ଯ୍ୟ କରିଛନ୍ତି ଯେ ଉତ୍ପାଦନକୁ ଅନୁମାନରୁ ଅଧିକ ବୃଦ୍ଧି କରାଯିବ । ଓପିଇସି ପ୍ଲସ୍‌ର ଭଲେଣ୍ଟ୍ରି ଏଇଟ୍ (ଭି-୮) ସମୂହ ଯେଉଁଥିରେ ସାଉଦୀ ଆରବ, ଋଷିଆ, କ୍ୱେତ, ଓମାନ, ଇରାକ ଓ ୟୁଏଇ ଭଳି ବଡ଼ ତୈଳ ଉତ୍ପାଦକ ଦେଶ ଅଛନ୍ତି । ଏମାନେ ଦୈନିକ ୨.୦୬ଲକ୍ଷ ବ୍ୟାରେଲ ତୈଳ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେମାନଙ୍କ ଏହି ନିଷ୍ପତ୍ତି ଏପ୍ରିଲ ମାସରୁ କାର୍ଯ୍ୟକାରୀ ହେବ ।

ତେବେ ଓପିଇସି ପ୍ଲସର ଏହି ଅଧିକାରୀଙ୍କ ବୟାନରେ ଇରାନ ଯୁଦ୍ଧର ଉଲ୍ଲେଖ କରାଯାଇନି । ବରଂ ବୈଶ୍ୱିକ ଅର୍ଥ ବ୍ୟବସ୍ଥାର ସ୍ଥିର ସ୍ଥିତି ଓ ମଜଭୁତ ବଜାର ଚାହିଦାକୁ କାରଣ ବୋଲି କୁହାଯାଇଛି । ହେଲେ ଏହା ପୂର୍ବରୁ ବିଶେଷଜ୍ଞ ଦୈନିକ ଉତ୍ପାଦନ ୧.୩୭ଲକ୍ଷ ବ୍ୟାରେଲ ହେବ ବୋଲି ଅନୁମାନ କରିଥିଲେ । ତେବେ ରିଷ୍ଟେଡ ଏନର୍ଜୀ ବିଶ୍ଳେଷକ ଜର୍ଜ ଲିୟୋନ କହିଛନ୍ତି ଯେ ଉତ୍ପାଦନ ବୃଦ୍ଧି ସତ୍ତ୍ୱେ ଯୁଦ୍ଧ ଯୋଗୁ ମୂଲ୍ୟରେ ହେବାକୁ ଥିବା ବୃଦ୍ଧିକୁ ରୋକାଯାଇ ପାରିବନି । କାରଣ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ଷ୍ଟ୍ରେଟ୍ ଅଫ ହରମୁଜ ।

ଏହି ଜଳ ମାର୍ଗଦେଇ ବିଶ୍ୱର ଏକ ଚତୁର୍ଥାଂଶ ତୈଳ ସପ୍ଲାଇ କରାଯାଇଥାଏ । ରିପୋର୍ଟସ ଅନୁସାରେ ଇରାନ ରିଭଲ୍ୟୁସନାରୀ ଗାର୍ଡ ଏହି ଜଳମାର୍ଗ ବନ୍ଦ କରାଯାଇ ପାରେ ବୋଲି ଚେତାବନୀ ଦେଇଛି । ଇରାନ ସରକାରୀ ଟେଲିଭିଜନ ଅନୁସାରେ ଏହି ମାର୍ଗ ଦେଇ ସପ୍ଲାଇ ନେଇ ଯାଉଥିବା ଏକ ଟ୍ୟାଙ୍କର ଜାହାଜ ଉପରେ ମିଜାଇଲ ଆକ୍ରମଣ ହେଲା ଓ ଜାହାଜବୁଡି ଯାଇଛି । ଏଣୁ ବିଶେଷଜ୍ଞଙ୍କ ଅନୁସାରେ ଯଦି ହର୍ମୁଜ ତୈଳ ଯୋଗାଣ ବନ୍ଦ ହେଲା ତେବେ ଓପିଇସି ପ୍ଲସ୍‌ଙ୍କ ଉତ୍ପାଦନ ବଢାଇବା ନିଷ୍ପତ୍ତିର କୌଣସି ଫଳ ମିଳିବ ନାହିଁ ।




କାରଣ ବର୍ତ୍ତମାନ ସମୟର ସବୁଠୁ ବଡ଼ ରିସ୍କ ହେଲା ସପ୍ଲାଇ ଓ ଟ୍ରାନ୍ସପୋର୍ଟ । ମିଜାଇଲ ଆକ୍ରମଣ ଡର, ବୀମା କମ୍ପାନୀ ଜାହାଜଙ୍କ କଣ୍ଟ୍ରାକ୍ଟ ରଦ୍ଦ କରିବା ଓ ଇଲେକ୍ଟ୍ରନିକ୍ ସିଷ୍ଟମରେ ବାଧା କାରଣରୁ ସିପିଂ କମ୍ପନୀ ଏହି ମାର୍ଗରୁ ବର୍ତ୍ତିବା ଆରମ୍ଭ କରିଦେଲେଣି । ବିଶ୍ଳେଷକଙ୍କ ଅନୁସାରେ ଯଦି ଷ୍ଟ୍ରେଟ୍ ଅଫ ହର୍ମୁଜ କିଛି ଦିନ ପାଇଁ ବନ୍ଦ ହୁଏ ତେବେ ଏହା ସବୁଠୁ ସଙ୍କଟଜନକ ପରିସ୍ଥିତି ହେବ । ଇଣ୍ଡଷ୍ଟ୍ରି ଅନୁମାନ ଅନୁସାରେ ଯୁଦ୍ଧ ପୂର୍ବର ତୈଳ ମୂଲ୍ୟ ପ୍ରତି ବ୍ୟାରଲ ୭୨ ଡଲାରରୁ ବଢି ୧୨୦ରୁ ୧୫୦ ଡଲାରକୁ ପହଞ୍ଚି ଯାଇପାରେ । ତେବେ ତେଲ ମହଙ୍ଗା ହେବା ଓପିଇସି ପ୍ଲସ୍ ଦେଶଙ୍କ ଲାଗି ଲାଭଜନକ ହୋଇପାରେ । ହେଲେ ଏହା ଯୋଗୁ ଆମେରିକା, କାନାଡ଼ା ଓ ବ୍ରାଜିଲ ଭଳି ଅନ୍ୟ ତୈଳ ଉତ୍ପାଦକଙ୍କୁ ଅଧିକ ତୈଳ ଉତ୍ପାଦନ ନିମନ୍ତେ ସୁଯୋଗ ମିଳିପାରେ । ବିଶେଷଜ୍ଞଙ୍କ ଅନୁସାରେ ଓପିଇସି ପ୍ଲସ୍ ଦେଶଙ୍କ ଲାଗି ବ୍ୟାରଲପିଛା ତୈଳ ମୂଲ୍ୟ ୮୦ରୁ ୯୦ ଡଲାର ମଧ୍ୟରେ କାରବାର ହେବା ଅତ୍ୟନ୍ତ ଲାଭଜନକ । ଏଥିରେ ୭୦ ଡାଲର ପ୍ରତି ବ୍ୟାରଲ କାରବାର ହେଲେ ତୈଳର ଏହା ଆଦର୍ଶସ୍ଥିତି । ହେଲେ ଏବେ ସାଉଦୀ ଆରବ ଓ ୟୁଏଇ ହିଁ ଦୁଇ ଦେଶ ଯେଉଁମାନେ ଆବଶ୍ୟକ ପଡିଲେ ଉତ୍ପାଦନ ବଢାଇ ପାରିବେ ।

# ରାଜଧାନୀରେ ମାଲମାଲ ବିକୃତ ନମ୍ବର ପ୍ଲେଟ୍

ଚିହ୍ନଟ କରିପାରୁନି ଏଆଇ କ୍ୟାମେରା, ଖସିଯାଉଛନ୍ତି ଅମାନିଆ

**ଭୁବନେଶ୍ୱର, ୧/୦୩ ନ୍ୟୁଜ ବ୍ୟୁରୋ**

ରାଜଧାନୀର ବଡ଼ବଡ଼ ଛକରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟକାରୀ ବ୍ୟବସ୍ଥା (ଏଏନ୍‌ପିଆର) ତଥା ଏଆଇ କ୍ୟାମେରା ଲାଗିଛି । ଜାତୀୟ ରାଜପଥରେ ବି ଏହାକୁ ଲଗାଯାଇଛି । କୌଣସି ଗାଡ଼ି ସମ୍ପର୍କରେ ଜାଣିବାକୁ ହେଲେ ଏହି ବ୍ୟବସ୍ଥାର ଉପଯୋଗ କରାଯାଉଛି । ତେବେ ଅମାନିଆମାନେ ଏହାକୁ ପ୍ରତିହତ କରିବାକୁ ଯାଇ ଆଉ ପାଦେ ଆଗେଇ ଯାଇଛନ୍ତି । ଟ୍ରାଫିକ୍ କର୍ତ୍ତୃପକ୍ଷ ଡାଳେଡାଳେ ଗଲେ ଅମାନିଆମାନେ ପତ୍ରେପତ୍ରେ ଯାଉଛନ୍ତି । କିଛି ଅମାନିଆ ଗାଡ଼ିର ନମ୍ବର ପ୍ଲେଟ୍‌କୁ ମଧ ବିକୃତ କରିବାକୁ ପଛାଉନାହାନ୍ତି । ଗାଡ଼ିର ନମ୍ବର ପ୍ଲେଟ୍ ଉପରେ ଷ୍ଟିକର ମାରି, ନମ୍ବର ପ୍ଲେଟ୍‌କୁ ବଙ୍କା କରି କ୍ୟାମେରାକୁ ଚକ୍ମା ଦେବାକୁ ଉଦ୍ୟମ କରୁଛନ୍ତି । ବର୍ତ୍ତମାନ ରାଜଧାନୀରେ ଲୁଟ୍, ଛିନ୍‌ତାଇ ଓ ସଡ଼କ ଦୁର୍ଘଟଣା ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଥିବା ସମୟରେ ଦୁର୍ବୃତ୍ତମାନେ ଏହି ଅଭିନବ ଉପାୟକୁ ଆପଣାଉଛନ୍ତି । ଗାଡ଼ିର ରେଜିଷ୍ଟ୍ରେସନ୍ ନମ୍ବର ଚିହ୍ନଟ ହେଉ ନଥିବାରୁ ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହେଉନି । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବହାର କରାଯାଉଛି । ଏହି



ନମ୍ବର ପ୍ଲେଟ୍‌କୁ ଏଆଇ କ୍ୟାମେରା ସ୍ପଷ୍ଟ ଭାବେ ଚିହ୍ନଟ ମଧ କରୁଛି । ଗାଡ଼ି ନିର୍ଦ୍ଧାରିତ ବେଗଠାରୁ ଅଧିକ ବେଗରେ ଥିଲେ କିମ୍ବା ଚାଳକ ହେଲ୍‌ମେଟ୍ ନ ପିନ୍ଧିଥିଲେ ଏହି ଏଆଇ କ୍ୟାମେରା ଚାଲାଣ କାଟୁଛି । ତେବେ ଏଥିରୁ ବର୍ତ୍ତିବା ଲାଗି ଅମାନିଆମାନେ ନମ୍ବର ପ୍ଲେଟ୍‌କୁ ବିକୃତ କରୁଛନ୍ତି । ଯାଞ୍ଚ ସମୟରେ ଧରା ପଡ଼ିଲେ ନାନା ବାହାନା ଦେଖାଇ ଖସି ଯାଉଛନ୍ତି । ନମ୍ବର ପ୍ଲେଟ୍ ବିକୃତ କରିବା ଲାଗି ଅଧିକ ଜରିମାନା ଆଦାୟ, ଗାଡ଼ି ଜବତ ତଥା ଠକେଇ ମାମଲା ରୁଜୁ ହେବା ଭଳି ଆଇନ ରହିଛି । ତଥାପି ଅମାନିଆମାନେ ଏହାକୁ ଭ୍ରୁକ୍ଷେପ କରୁନାହାନ୍ତି । ରାଜଧାନୀରେ କିଛି ଅମାନିଆ ଚାଳକ ନମ୍ବରପ୍ଲେଟ୍‌ରେ ସାଲୁକନା ଗୁଡ଼ାଇବା, ଷ୍ଟିକର ଲଗାଇବା, ଶେଷ ନମ୍ବରକୁ ଭାଙ୍ଗିଦେବା କିମ୍ବା ତଳପଟୁ ମୋଡ଼ିଦେବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ଆଉ କିଛି ଅମାନିଆ ପାଦେ ଆଗକୁ ଯାଇ ସ୍ପ୍ରିଙ୍ଗ୍ ଓ ଚୁମ୍ବକର ବ୍ୟବହାର କରି ନମ୍ବରପ୍ଲେଟ୍‌କୁ ଲୁଚାଉଛନ୍ତି । ଉଚ୍ଚ ଜରିମାନା ଆଦାୟ ଭୟରେ ଏଭଳି କରାଯାଉଛି । ତେବେ ନମ୍ବରପ୍ଲେଟ୍ ବିକୃତ ହେଉଥିବାରୁ ଏହା ଏଆଇ କ୍ୟାମେରା ନଜରରୁ ଖସି ଯାଉଛି । ଫଳରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଖୋଲାଖୋଲି ଭାବେ ହେଉଛି । ଯାଞ୍ଚ ସମୟରେ ଏଭଳି ଗାଡ଼ି ଧରାପଡ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ଟ୍ରାଫିକ୍ ପୁଲିସ କହୁଥିଲେ ହେଁ ଆଖିଦୃଶିଆ ଚଢ଼ଉ କରାଯାଉନାହିଁ ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୧/୦୩/୨୦୨୬
୭,୩୧,୮୬୫/- ଟଙ୍କା
ସୁନା:-୦୪ ଗ୍ରାମ୍ ୧୦୦ ମିଲିଗ୍ରାମ
ରୂପା:-୦୬ ଗ୍ରାମ୍୫୦୦ ମିଲିଗ୍ରାମ୍

## ଯୁଦ୍ଧ ପାଇଁ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ କଲା ସିବିଏସ୍‌ଇ

**ନୂଆଦିଲ୍ଲୀ, ୦୧/୦୩**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ମଧ୍ୟପ୍ରାଚ୍ୟର ପରିସ୍ଥିତି ଯୋଗୁଁ ସୋମବାରରେ ହେବାକୁ ଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିଛି । ବୋର୍ଡ କହିଛି ଯେ ନୂତନ ତାରିଖ ପରେ ଘୋଷଣା କରାଯିବ । ବାହାରିନ, ଇରାନ, କୁୱେତ, ଓମାନ, କତାର, ସାଉଦି ଆରବ ଏବଂ ୟୁଏଇ ସମେତ ଅନେକ ମଧ୍ୟପ୍ରାଚ୍ୟ ଦେଶରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ପାଇଁ ପରୀକ୍ଷା ସ୍ଥଗିତ ରଖାଯାଇଛି । ବୋର୍ଡ ମାର୍ଚ୍ଚ ୩ରେ ପୁଣିଥରେ ପରିସ୍ଥିତି ସମୀକ୍ଷା କରି ୫ ମାର୍ଚ୍ଚରୁ ନିର୍ଦ୍ଧାରିତ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ନୋଟିସ ଜାରି କରିଛି ।




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସମ୍ଭାବ୍ୟ ବଜେଟ୍ ଆକାରକୁ ନେଇ ଚିନ୍ତାରେ ବ୍ରହ୍ମପୁରବାସୀ

**ଭୁବନେଶ୍ୱର, ୧ ।୩ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍ ଉପସ୍ଥାପନ କରିସାରିଛନ୍ତି । ଏବେ ମହାନଗର ନିଗମର ବଜେଟ୍ ଉପସ୍ଥାପନ ସମୟ । ଏହାରି ଭିତରେ ଭୁବନେଶ୍ୱର ମହାନଗର ନିଗମ ରାଜଧାନୀ ଲୋକଙ୍କ ପାଇଁ ୧୦୫୦ କୋଟିର ଆୟବ୍ୟୟ ଅଟକଳ ରଖିଛି । ବଜେଟ୍‌ର ଆକାର ଲୋକଙ୍କୁ ଉତ୍ସାହିତ କରିଛି । ଭୁବନେଶ୍ୱର ମହାନଗର ନିଗମ ବଜେଟ୍ ଦେଖି ବ୍ରହ୍ମପୁର ମହାନଗର ନିଗମ ଚିନ୍ତାରେ ପଡ଼ିଯାଇଛି । କାରଣ ଗତ ବର୍ଷ ବ୍ରହ୍ମପୁର ମହାନଗର ନିଗମକୁ ମିଳିଥିବା ବଜେଟ୍ ଅନୁଦାନ ସମସ୍ତଙ୍କୁ ନିରୁତ୍ସାହିତ କରିଥିଲା । ଏଥର କ'ଣ ହେବ ଭାବି ସମସ୍ତେ ଚିନ୍ତିତ ଅଛନ୍ତି । ବ୍ରହ୍ମପୁରର ଲୋକସଂଖ୍ୟା, ଆକାର ଓ ଆୟତନକୁ ଦେଖିଲେ ଅନ୍ୟୂନ ୫୦୦ରୁ ୬୦୦ କୋଟି ଟଙ୍କା ବଜେଟ୍ ହେବା ଅନୁମାନ କରାଯାଉଛି । ଗତ ବର୍ଷ ସେୟା ହିଁ ହୋଇଥିଲା । ୨୦୨୫-୨୬ ଆର୍ଥିକ



ବର୍ଷ ପାଇଁ ବିଏମସି ୫୪୯.୮୧ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲା । ବଜେଟରେ ସହରର ସମସ୍ୟା ଦୂରୀକରଣ, ପାରିପାର୍ଶ୍ୱିକ ବିକାଶ, ସୌନ୍ଦର୍ଯ୍ୟକରଣ ଓ ରାଜସ୍ୱ ବୃଦ୍ଧିକୁ ଗୁରୁତ୍ୱ ଦେଇ ବ୍ୟୟବରାଦ ହୋଇଥିଲା ।

ବ୍ରହ୍ମପୁରବାସୀଙ୍କୁ ଅନେକ ନୂଆ ପ୍ରକଳ୍ପ କରି ଭେଟି ଦେବ ବୋଲି ବିଏମ୍‌ସି ଭାବିଥିଲା । ହେଲେ ବିଏମ୍‌ସି ଆଶା ମଉଳି ଯାଇଥିଲା । ୫୪୯.୮୧ କୋଟି ଅନୁମୋଦନ ବଦଳରେ ରାଜ୍ୟ ସରକାର ବିଏମସିକୁ ମାତ୍ର ୧୩୪.୯୬ କୋଟିର ଆକ୍ସନ୍ ପ୍ଲାନ୍ ଉପସ୍ଥାପନ କରିବାକୁ କହିଥିଲେ । ଯାହା ମୋଟ ଆକଳନର ୨୫ ପ୍ରତିଶତ ଥିଲା । ବଜେଟ୍‌ରେ ଏଭଳି ଆକସ୍ମିକ ଓ ଅହେତୁକ ହ୍ରାସ ନିର୍ବାଚିତ ପ୍ରତିନିଧି, କର୍ମଚାରୀ ଓ ସହରବାସୀଙ୍କୁ ନିରାଶ କରିଥିଲା । ବିଏମସିରୁ ମିଳିଥିବା ସୂଚନା ଅନୁସାରେ, ଗତ ବର୍ଷ ରାଜ୍ୟ ସରକାର ବିଏମସିର ବଜେଟ୍ ଅନୁମୋଦନ ପରିବର୍ତ୍ତେ ୧୩୪.୯୬ କୋଟିର ଆକ୍ସନ ପ୍ଲାନ୍ କରିବାକୁ କହିଥିଲେ । ଯେଉଁଥିରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ରେ ୩୮କୋଟି ୫୮ ଲକ୍ଷ ୨୬ ହଜାର, ସ୍ୱଚ୍ଛ ଓଡ଼ିଶା ସ୍କିମ୍‌ରେ ୯କୋଟି ୧୫ଲକ୍ଷ ୪୬ ହଜାର, ବର୍ଷାଜଳ ନିଷ୍କାସନ ପାଇଁ ୧୦କୋଟି ୫୨ଲକ୍ଷ ୬ହଜାର ପ୍ରଦାନ କରାଯାଇଥିଲା । ସେହିପରି ପଞ୍ଚଦଶ ଅର୍ଥ କମିଶନର ୫୧କୋଟି ୨୧ଲକ୍ଷ ୫୨ହଜାର, ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୨୫କୋଟି ୮୬ଲକ୍ଷ ୫୦ହଜାର ମିଳିବା ଆଶା ଥିଲା ।

ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ପଞ୍ଚଦଶ ଅର୍ଥ କମିଶନର ଟାୟାଡ୍ ଫଣ୍ଡ (ସର୍ତ୍ତମୂଳକ ପାଣ୍ଠି)ରୁ ମିଳିବାକୁ ଥିବା ଅନୁଦାନର ୫୦ ପ୍ରତିଶତ ୱାଟକୋ(ୱାଟର୍ କର୍ପୋରେସନ୍)କୁ ଦେବାକୁ ହେବ । ଅର୍ଥାତ୍ ୩୦କୋଟି ୭୨ଲକ୍ଷ ୯୧ହଜାର ଟାୟାଡ୍ ଫଣ୍ଡର ଅଧା ୱାଟ୍‌କୁ ପ୍ରଦାନ କରାଯିବାକୁ ଧାର୍ଯ୍ୟ କରିଥିଲେ । ସେହିପରି ପରିମଳ ବ୍ୟୟ ୩୦ କୋଟି ଟଙ୍କା ସ୍ଥିର କରାଯାଇଥିଲା । ସବୁ ଦେଣନେଣ ପରେ ବଳକା ୮୯କୋଟି ୯୭ଲକ୍ଷ ୩୪ହଜାର ୫୦୦ଟଙ୍କାର ୧୫୦ ପ୍ରତିଶତ ୧୩୪.୯୬ କୋଟି ଟଙ୍କାର ଆକ୍ସନ ପ୍ଲାନ୍ କରିବାକୁ କହିଥିଲେ । ଯାହା ବିଏମ୍‌ସି ପ୍ରଶାସନକୁ ହାତ ଖୋଲିବାକୁ ସୁଯୋଗ ଦେଇନଥିଲା । ଯେତିକି ମିଳିଥିଲା ଆର୍ଥିକ ବର୍ଷ ଆରମ୍ଭରୁ ପ୍ରାୟ ଶେଷ ହୋଇଥିଲା । କାରଣ ବିଏମସି ୨୦୨୪ ଅକ୍ଟୋବରରେ ପ୍ରାୟ ୨୦୦ କୋଟି ଟଙ୍କାର ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର୍ କରିସାରିଥିଲା । ତାକୁ କାଣ୍ଟଛାଣ୍ଟ କରିବାକୁ ପଡ଼ିଲା । ତେଣୁ ନୂଆ ପ୍ରକଳ୍ପ ଆଉ ଦେଖିବାକୁ ମିଳିଲାନି । ଏଥର ବଜେଟ୍ ଆକାରକୁ ନେଇ ବ୍ରହ୍ମପୁରର ଏବେଠୁ ଚିନ୍ତା ବଢ଼ିଲାଣି ।

## ହୋଲିରେ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ସାଧା ପୋଷାକରେ ବୁଲିବେ ସ୍କ୍ୱାର୍ଡ

**କଟକ,୦୧/୦୩ ନ୍ୟୁଜ ବ୍ୟୁରୋ**

ହୋଲି ଦିନ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କଟକ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ଆଇନଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବା, ଅସାମାଜିକ ଯୁବକଙ୍କ ଉପରେ ନଜର ରଖିବା ଓ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ କଟକ ପୁଲିସ ପକ୍ଷରୁ ସହରରେ ୧୭ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହେବ ।

କଟକର ସଂପୂର୍ଣ୍ଣ ସହରକୁ ୨ଟି ସେକ୍ଟର ଓ ୬ ଜୋନ୍‌ରେ ବଣ୍ଟାଯାଇ ସୁରକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ । ଗୁରୁତ୍ୱପୂର୍ଣ୍ଣ ଛକ ଓ ପ୍ରମୁଖ ରାସ୍ତାରେ ଥାନାର ଅଧିକାରୀମାନେ ଉପସ୍ଥିତ ରହିବେ । ଥାନା ପିସିଆର ସହିତ ୧୧୨ ଭ୍ୟାନ୍ ଓ ବାଇକ୍ ପିସିଆର୍ ହୋଲି ଖେଳ ଶେଷ ହେବା ପର୍ଯ୍ୟନ୍ତ ସହର ସାରା ପଇଁତରା ମାରିବ । ଏହାଛଡ଼ା ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ଲାଗି ୨ ପ୍ଲାଟୁନ୍ ଫୋର୍ସ ରିଜର୍ଭ ହୋଇ ରହିବ । ୩ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ । ହୋଲି ଦିନ କଟକ କମିସନରେଟ ଅଧୀନସ୍ଥ ସମସ୍ତ ଥାନାର ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଖୋଦ୍ ଡିସିପି ଖିଲାରି ରିଷିକେଶ ଦ୍ୟାନ୍ଦେଓ ସହର ବୁଲି ସ୍ଥିତି ଯାଞ୍ଚ କରିବେ ବୋଲି ସୂଚନା ମିଳିଛି ।